بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 10

ସମ୍ପାଦକ:

କମ୍ରୁଲ୍ ହକ୍ ଖାନ୍

ସହ ସମ୍ପାଦକ:

ସୟଦ୍ ଅତାଉଲ୍ ୱାହାବ୍

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

ସଂଖ୍ୟା: 24-25

ବାର୍ଷିକ ଦେୟ : 600/-

15-22 ଜୁଲ୍ ହଜ୍ଜା 1446-47 ହି.କ, 12-19 ଇହସାନ୍ 1404 ହି.ଶ, 12-19 June 2025 ମସିହା

www.akhbarbadr.in

## ଅଲ୍ଲାଃତାଲାଙ୍କ ବାଣୀ

یُرِیۡدُوۡنَ اَنۡ یُّطۡفِـُٔوۡا نُوۡرَ اللّٰہِ بِاَفۡوَاہِہِمۡ وَیَاۡبَی اللّٰہُ اِلَّاۤ اَنۡ یُّتِمَّ نُوۡرَہٗ وَلَوۡ کَرِہَ الۡکٰفِرُوۡنَ ﴿۳۲﴾

**(ସୁରାଃ ତୌବା: 32)**

ସେମାନେ ଅଲ୍ଲାଃତାଲାଙ୍କର ଜ୍ୟୋତିକୁ ନିଜ ମୁହଁ ଦ୍ୱାରା ଫୁଙ୍କି ଲିଭାଇ ଦେବାକୁ ଇଚ୍ଛା କରନ୍ତି । ଅବିଶ୍ୱାସକାରୀମାନଙ୍କୁ ଯେତେ ଅପ୍ରୀତିକର ମନେ ହେଲେ ମଧ୍ୟ ଅଲ୍ଲାଃତାଲା ନିଜର ଜ୍ୟାତିକୁ ପରିପୂର୍ଣ୍ଣ କରିବା ବ୍ୟତୀତ ଅନ୍ୟ ପ୍ରତ୍ୟେକ ବିଷୟକୁ ପ୍ରତ୍ୟାଖ୍ୟାନ କରନ୍ତି ।

## ଅହମଦିୟା ଖବର

**ଅଲହମଦୁ ଲିଲ୍ଲାଃ !** ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍‌ୱର୍ ଅ.ବ ସକୁଶଳେ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍‌ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍‌ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍‌ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

## ଆଁହଜରତ ସ.ଅଙ୍କ ବାଣୀ

**ଯେଉଁ ମୁସଲମାନ ବ୍ୟକ୍ତି ସପକ୍ଷରେ ଅନ୍ୟ ଚାରି ଜଣ ଲୋକ ପୁଣ୍ୟବାନ୍ ଏବଂ ସଦାଚାରୀ ହେବାର ସାକ୍ଷ୍ୟ ପ୍ରଦାନ କରନ୍ତି ତେବେ ସେହି ବ୍ୟକ୍ତିକୁ ଅଲ୍ଲାଃତାଲା ବୈକୁଣ୍ଠରେ ପ୍ରବିଷ୍ଟ କରିଦେବେ ।**

ଅବୁଲ୍ ଅସ୍‌ୱଦ୍ ବର୍ଣ୍ଣନା କରନ୍ତି: ମୁଁ ମଦିନାକୁ ଆସିଲି ଏବଂ ମଦିନାରେ ମହମାରୀ ରୋଗ ବ୍ୟାପୀଥିଲା । ଲୋକମାନେ ଅତ୍ୟନ୍ତ ଶୋଚନୀୟ ଭାବରେ ମୃତ୍ୟୁବରଣ କରୁଥିଲେ । ମୁଁ ହ. ଉମର୍ ର.ଅଙ୍କ ନିକଟରେ ବସିଗଲି। ଠିକ୍ ସେତିକିବେଳେ ଏକ ଯନାଜାଃ ଆମ ପାଖ ଦେଇ ଅତିକ୍ରମ କଲା । ସେହି ମୃତ ବ୍ୟକ୍ତି ସପକ୍ଷରେ କେତେକ ଲୋକମାନେ ପ୍ରଶଂସା କଲେ ଏବଂ ହ. ଉମର୍ ର.ଅ କହିଲେ, "ଅନିର୍ବାର୍ଯ୍ୟ ହୋଇଗଲା। ଅର୍ଥାତ୍ ସେହି ବ୍ୟକ୍ତି ବୈକୁଣ୍ଠରେ ପ୍ରବିଷ୍ଟ ହୋଇଗଲା ।" ପୁନଶ୍ଚ ଦ୍ୱିତୀୟ ଯନାଜାଃ ଅତିକ୍ରମ କଲା ଏବଂ ଲୋକମାନେ ସେହ ମୃତ ବ୍ୟକ୍ତିର ମଧ୍ୟ ପ୍ରଶଂସା କଲେ । ହ. ଉମର୍ ର.ଅ କହିଲେ, ଏହି ବ୍ୟକ୍ତି ମଧ୍ୟ ବୈକୁଣ୍ଠରେ ପ୍ରବିଷ୍ଟ ହୋଇଗଲା। ପୁନଶ୍ଚ ତୃତୀୟ ଯନାଜାଃ ଅତିକ୍ରମ ହେଲା ଏବଂ ସେହି ମୃତ ବ୍ୟକ୍ତର ଲୋକମାନେ ନିନ୍ଦା କଲେ ।

ପ୍ରତ୍ୟୁତ୍ତରରେ ହ. ଉମର୍ ର.ଅ କହିଲେ, ଅନିର୍ବାର୍ଯ୍ୟ ହୋଇଗଲା । ଅର୍ଥାତ୍ ଏହି ବ୍ୟକ୍ତି ନର୍କଗାମୀ ଏବଂ ନର୍କରେ ପ୍ରବିଷ୍ଟ ହୋଇଗଲା । ମୁଁ ପଚାରିଲି (ଅବୁଲ୍ ଅସ୍‌ୱଦ୍) ହେ ଅମୀରୁଲ୍ ମୁମିନିନ୍ ! ଏହି ଅନିର୍ବାର୍ଯ୍ୟର ହୋଇଗଲା ଅର୍ଥ କ'ଣ ? ଆପଣ ର.ଅ ଉତ୍ତର ଦେଲେ: "ହେ ଅବୁଲ୍ ଅସ୍‌ୱଦ୍! ଆଁହଜରତ ସ.ଅ ଯେଉଁ କଥା କହିଥିଲେ ମୁଁ ସେହି କଥା କହିଲି । ଅର୍ଥାତ୍ ଆଁହଜରତ ସ.ଅ କହିଥିଲେ, ଯେଉଁ ମୁସଲମାନ ବ୍ୟକ୍ତି ସପକ୍ଷରେ ଅନ୍ୟ ଚାରିଜଣ ମୁସଲମାନ ବ୍ୟକ୍ତି ପୁଣ୍ୟବାନ୍ ଓ ସଦାଚାରୀ ହେବାର ସାକ୍ଷ୍ୟ ପ୍ରଦାନ କରନ୍ତି ତେବେ ଅଲ୍ଲାଃତାଲା ସେହି ବ୍ୟକ୍ତିକୁ ବୈକୁଣ୍ଠରେ ପ୍ରବିଷ୍ଟ କରାଇଦେବେ ।

ଆମେମାନେ ପଚାରିଲୁ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ଯଦି ୩ ଜଣ ବ୍ୟକ୍ତି ସାକ୍ଷ୍ୟ ପ୍ରଦାନ କରନ୍ତି ? ଆପଣ ସ.ଅ କହିଲେ, ହଁ ତିନି ଜଣ ଲୋକ ବି ସାକ୍ଷ୍ୟ ପ୍ରଦାନ କରନ୍ତି ତେବେ ମଧ୍ୟ ସେହି ବ୍ୟକ୍ତି ଅବଶ୍ୟ ବୈକୁଣ୍ଠଗାମୀ ହେବ । ସେହିପିର ଆମେମାନେ ଆଁହଜରତ ସ.ଅଙ୍କୁ ପୁନଶ୍ଚ ପ୍ରଶ୍ନ କଲୁ କି ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଯିଦ ସେହି ବ୍ୟକ୍ତି ସଂପର୍କରେ ଦୁଇ ଜଣ ବ୍ୟକ୍ତି ବି ସାକ୍ଷ୍ୟ ପ୍ରଦାନ କରନ୍ତି ତେବେ ସେହି ବ୍ୟକ୍ତି ବୈକୁଣ୍ଠଗାମୀ ହେବ କି ? ଆପଣ ସ.ଅ କହିଲେ, ଆପଣ ସ.ଅ କହିଲେ, ହିଁ । ପୁନଶ୍ଚ ଏତଦ୍‌ପରେ ଆମେମାନେ ଆଉ ଗୋଟିଏ ବ୍ୟକ୍ତିର ବି ସାକ୍ଷ୍ୟ ସଂପର୍କରେ ଆଁହଜରତ ସ.ଅଙ୍କୁ ପ୍ରଶ୍ନ ପଚାରିଲୁ ନାହିଁ ।"

☆--☆--☆

## ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

**ମନେରଖ ! ଅଲ୍ଲାଃତାଲାଙ୍କର ଏହିପରି ପରମ୍ପରା ରହିଛି ଯେ, ତାହାଙ୍କ ଭକ୍ତମାନଙ୍କର ପରିଣାମ ସର୍ବଦାଲ ଭଲ ହିଁ ହୋଇଥାଏ । ହତ୍ୟା ଷଡ଼ଯନ୍ତ୍ର, ଅବଜ୍ଞାତାର ଧର୍ମାଦେଶ ଭଳି ବିଭିନ୍ନ ପ୍ରକାରର ଦୁଃଖ କଷ୍ଟ ସେମାନଙ୍କର କିଛି ଅନିଷ୍ଟ ଓ କ୍ଷତି ସାଧନ କରି ପାରିବ ନାହିଁ ।**

ହୁଜୁର ଅ.ସ କୁହନ୍ତି: "ମନୁଷ୍ୟର ସର୍ବନାଶକାରୀ ବସ୍ତୁ ହେଉଛି କୁସଙ୍ଗତ୍ୱ ଅର୍ଥାତ୍ ଖରାପ ଲୋକମାନଙ୍କ ସହିତ ଉଠା ବସା କରିବା । ଦେଖ ! ଅବୁ ଜହଲ୍ ତ' ନିଜେ ମଲା କିନ୍ତୁ ସେ ଆହୁରି ଅନେକ ଲୋକଙ୍କୁ ନିଜ ସାଙ୍ଗରେ ନେଇ ମଲା । ଅର୍ଥାତ୍ ଯେଉଁମାନେ ଅବୁ ଜହଲ୍ ପାଖରେ ଯାଇ ବସୁଥିଲେ ସେହିମାନେ ତା' ସହିତ ମୃତ୍ୟୁବରଣ କଲେ । ଅବୁ ଜହଲ୍‌ର ସାହଚର୍ଯ୍ୟତ୍ୱ ଏବଂ ତା' ସଭାରେ ଉପହାସ, ତରିସ୍କାର ଏବଂ ଥଟ୍ଟା ତାମସା ବ୍ୟତୀତ ଅନ୍ୟ କୌଣସି ଭଲ ପ୍ରସଙ୍ଗ ଚର୍ଚ୍ଚା ହେଉ ନଥିଲା । ସେମାନେ ଏହା ହିଁ କହୁଥିଲେ ଯେ, اِنَّ ھٰذَا لَشَیۡءٌ یُّرَادُ ଅର୍ଥାତ୍ ମିଆଁ ଏହା ତ' ତୁମର ଦୋକନ ଏବଂ ବ୍ୟବସାୟ ଅଟେ ।"

ବର୍ତ୍ତମାନ ଦେଖ ଏବଂ କୁହ କି ଅବୁ ଜହଲ୍ ଯେଉଁ ବ୍ୟକ୍ତି ଅର୍ଥାତ୍ ମହାବତାର ହ. ମୁହମ୍ମଦ ସ.ଅଙ୍କୁ ଦୋକାନୀ ଏବଂ ଠକ ବୋଲି କହୁଥିଲା ସେହି ବ୍ୟକ୍ତିଙ୍କର ଆଲୋକ ସମଗ୍ର ସଂସାରରେ ପରିବ୍ୟାପ୍ତ ଅଟେ । କିନ୍ତୁ ଅବୁ ଜହଲ୍ ମୃତ୍ୟୁବରଣ କଲା ଏବଂ ତା' ପାଇଁ ଧିକ୍କାର ଏବଂ ଅଭିଶାପ ଛଡ଼ା ଆଉ କିଛି ରହିଲା ନାହିଁ । କିନ୍ତୁ ରସୁଲୁଲ୍ଲାଃ ସ.ଅଙ୍କ ମର୍ଯ୍ୟାଦାକୁ ଦେଖ ଯେ, ଦିନ ରାତି ସବୁବେଳେ ଆପଣ ସ.ଅଙ୍କ ଉପରେ ମୁସଲମାନମାନେ ଦୁରୁଦ୍ ଶରୀଫ୍ ପ୍ରେରଣ କରିଥାଆନ୍ତି ଏବଂ ୨୨ କୋଟି ମୁସଲମାନମାନେ ଆଁହଜରତ ସ.ଅଙ୍କର ସେବକ ରୂପେ ଉପସ୍ଥିତ ଅଛନ୍ତି । ଯଦି ଅବୁ ଜହଲ୍ ବର୍ତ୍ତମାନ ପୁଣି ଥରେ ସଂସାରଲୋକକୁ ଆସନ୍ତା ଏବଂ ଦେଖନ୍ତା ଯେ, ସେ ଯେଉଁ ବ୍ୟକ୍ତିକୁ ମକ୍କାର ଗଳିରେ ଏକୁଟିଆ ବୁଲୁଥିବାର ଦେଖୁଥିଲା, ଯେଉଁ ବ୍ୟକ୍ତିକୁ କଷ୍ଟ ଏବଂ ପୀଡ଼ା ଦେବାରେ ସେ କୌଣସି ମୁହୂର୍ତ୍ତ ଏବଂ ସୁଯୋଗକୁ ହାତ ଛଡ଼ା କରୁ ନଥିଲା ତା' ସହିତ ୨୨ କୋଟି ମନୁଷ୍ୟ (ମୁସଲମାନ) ମାନଙ୍କର ସମୂହକୁ ଯଦି ଦେଖନ୍ତା ତେବେ ସେ ଅବଶ୍ୟ ଆଶ୍ଚର୍ଯ୍ୟ ଚକିତ୍ ହୋଇଯାଇ ଥାଆନ୍ତା । ଏହି ଦୃଶ୍ୟ ହିଁ ତା'ର ଅବସାନ ଘଟାଇ ଦେଇଥାଆନ୍ତା ଓ ଏ ହେଉଛି ଆଁହଜରତ ସ.ଅଙ୍କ ବାର୍ତ୍ତାବହତ୍ୱମୂଳକ ସତ୍ୟତାର ଜ୍ୱଳନ୍ତ ପ୍ରମାଣ । ଯଦି ଅଲ୍ଲାଃତାଲା ଆଁହଜରତ ସ.ଅଙ୍କ ସହିତ ନଥାଆନ୍ତେ ତେବେ ଏହି ସଫଳତା କଦାପି ମିଳି ପାରନ୍ତା ନାହିଁ। ଆପଣ ସ.ଅଙ୍କ ବିରୁଦ୍ଧରେ କିଭଳି ଷଡ଼ଯନ୍ତ୍ର, ଆପଣ ସ.ଅଙ୍କ ପ୍ରତି ଶତ୍ରୁତା ଏବଂ ବିରୋଧ ପ୍ରଦର୍ଶନା କରାଗଲା ? କିନ୍ତୁ ପରିଶେଷରେ ଶତ୍ରୁକୁ ଅକୃତକାର୍ଯ୍ୟ ହେବାକୁ ପଡ଼ିଥିଲା । ଏହାର ପ୍ରାରମ୍ଭିକ ଅବସ୍ଥାରେ ଯେତେବେଳେ କିଛି ଲୋକମାନେ ଆପଣ ସ.ଅଙ୍କ ସହିତ ଥିଲେ ସେତେବେଳେ କିଏ ଦେଖିପାରି ଥାଆନ୍ତା ଯେ, ଏହି ଭବ୍ୟ ଏବଂ ମହାନ୍ ବ୍ୟକ୍ତି ସଂସାରରେ ରହିବ ଓ ସେହି ବିରୋଧୀମାନଙ୍କ ଷଡ଼ଯନ୍ତ୍ରରୁ ସୁରକ୍ଷିତ ଓ ସକୁଶଳ ଭାବରେ ବର୍ତ୍ତି ସଫଳ ହୋଇଯିବ । କିନ୍ତୁ ମନେରଖ! ଅଲ୍ଲାଃତାଲାଙ୍କର ଏହିପରି ପରମ୍ପରା ରହି ଆସିଛି ଯେ, ଈଶ୍ୱରଙ୍କ ଭକ୍ତମାନଙ୍କର ପରିଣାମ ସର୍ବଦା ଭଲ (ସୁପରିଣାମ) ହିଁ ହୋଇଥାଏ । ହତ୍ୟାର ଷଡ଼ଯନ୍ତ୍ର, ଅବିଶ୍ୱାସକାରୀତାର ଧର୍ମାଦେଶ ଭଳି ବିଭିନ୍ନ ପ୍ରକାରର କଷ୍ଟ ସେମାନଙ୍କର (ଆପଣ ସ.ଅଙ୍କର) କିଛି ବି ବିଗାଡ଼ି ପାରିଲା ନାହିଁ ।

ଅତଏବ୍ ଅଲ୍ଲାଃତାଲା ସତ୍ୟ କହିଛନ୍ତି ଯେ, یُرِیۡدُوۡنَ لِیُطۡفِـُٔوۡا نُوۡرَ اللّٰہِ بِاَفۡوَاہِہِمۡ وَ اللّٰہُ مُتِمُّ نُوۡرِہٖ وَلَوۡ کَرِہَ الۡکٰفِرُوۡنَ ଏହି ଉପଦ୍ରବୀମାନେ ନିଜର ପାଟିର ଫୁଙ୍କ ଦ୍ୱାରା ଅଲ୍ଲାଃତାଲାଙ୍କର ଜ୍ୟୋତିକୁ ଲିଭାଇବାକୁ ଚାହୁଁଛନ୍ତି ଏବଂ ଅବିଶ୍ୱାସକାରୀମାନେ ଯେତେ ଖରାପ୍ ମନେ କରନ୍ତୁ ପଛେ କିନ୍ତୁ ଅଲ୍ଲାଃତାଲା ନିଜର ଜ୍ୟୋତିକୁ ଅବଶ୍ୟ ସଂପୂର୍ଣ୍ଣ କରିବେ ।

ହ. ମସିହ୍ ମଉଦ୍ ଅ.ସ କୁହନ୍ତି : "ଏଠାରେ ପାଟିର ଫୁଙ୍କ କହିଲେ, କ'ଣ ବୁଝ ? ପାଟିର ଫୁଙ୍କ କହିଲେ, ଏହା ହିଁ ବୁଝାଯାଏ ଯେ, କେହି ଆପଣ ସ.ଅଙ୍କୁ ଠକ କହିଦେଲା ତ' ଆଉ କେହି ଆପଣ ସ.ଅଙ୍କୁ ଅବିଶ୍ୱାସକାରୀ ଏବଂ ବିଧର୍ମୀ କହିଦେଲା। ଅତଃ ଏହି ଲୋକମାନେ ଉପରୋକ୍ତ କଥା (ଠକ, ଦୋକାନୀ, ଅବିଶ୍ୱାସକାରୀ ଏବଂ ବିଧର୍ମୀ) ଏପରି କଥା କହି ଏହା ଚାହାନ୍ତି କି ସେମାନେ ଅଲ୍ଲାଃତାଲାଙ୍କ ଜ୍ୟୋତିକୁ ଲିଭାଇ ଦେବେ । କିନ୍ତୁ ସେମାନେ ତହିଁରେ କୃତକାର୍ଯ୍ୟ (ସଫଳ) ହୋଇ ପାରିବେ ନାହିଁ। ସେମାନେ ଅଲ୍ଲାଃତାଲାଙ୍କ ଜ୍ୟୋତିକୁ ଲିଭାଇ ଲିଭାଇ ନିଜେ ହିଁ ଦଗ୍ଧୀଭୂତ (ଜଳି ପୋଡ଼ି) ତିରସ୍କୃତ

ହୋଇଯାଆନ୍ତି ।"

ଅଲ୍ଲାଃତାଲାଙ୍କ ସୈନ୍ୟ ଆକାଶଲୋକରେ ଥାଆନ୍ତି । ଅସ୍ୱୀକାର ଏବଂ ମର୍ତ୍ତ୍ୟବାସୀମାନେ ସେହି ସୈନ୍ୟବାହିନୀକୁ ଦେଖିବାକୁ ସକ୍ଷମ ନୁହନ୍ତି । ଯଦି ସେମାନଙ୍କୁ ଜ୍ଞାତ ହୋଇଯାଆନ୍ତା ଏବଂ ସେମାନେ ସେହି ସୈନ୍ୟବାହିନୀକୁ ଟିକିଏ ବି ଦେଖି ନିଅନ୍ତି ତେବେ ସେମାନେ ଭୟାଗ୍ରସ୍ତ ହୋଇ ମୃତ୍ୟୁବରଣ କରିବେ । କିନ୍ତୁ ଯେପର୍ଯ୍ୟନ୍ତ ମନୁଷ୍ୟ ଅଲ୍ଲାଃତାଲାଙ୍କର ଚଦର ତଳକୁ ଆସିଯାଇ ନାହିଁ ସେପର୍ଯ୍ୟନ୍ତ ଏହି ସୈନ୍ୟବାହିନୀ ଦୃଶ୍ୟମାନେ ହୋଇ ପାରିବ ନାହିଁ । **(ମଲ୍‌ଫୁଜାତ୍, ଭାଗ-2, ପୃ-68-98, ପ୍ରକାଶନ ସ୍ଥାନ- କାଦିୟାନ୍, 2018 ମସିହା)**

☆--☆--☆

**ଇସଲାମ୍ ଧର୍ମ ଏହି ଆଦେଶ ଦେଇଛି ଯେ, ପ୍ରତ୍ୟେକ ବ୍ୟକ୍ତି ପକ୍ଷେ ଏହା ଅନିର୍ବାର୍ଯ୍ୟ କି ସେ ନିଜ ଧନର ଏକ ଭାଗ ଜକାତ୍ ରୂପେ ପୈଠ କରୁ । କାରଣ ସରକାର ସେହି ପ୍ରାପ୍ତ ଜକାତକୁ ସମଗ୍ର ମାନବ ଜାତିର ଆବଶ୍ୟକତା ସକାଶେ ସାମୂହିକ ରୂପେ ବ୍ୟୟ କରି ପାରିବେ ।**

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରତୁଲ୍ ମୁମିନୁନ୍‌ର ଆୟତ୍ ସଂଖ୍ୟା 5 وَالَّذِيْنَ هُمْ لِلزَّكٰوةِ فٰعِلُوْنَ ର ବ୍ୟାଖ୍ୟା କରି କୁହନ୍ତି: "ବିଶ୍ୱାସକାରୀମାନେ ଏହାଠୁ ବି ଆଗକୁ ଉନ୍ନତି କରି ସେହି ସ୍ଥାନ ପର୍ଯ୍ୟନ୍ତ ପହଞ୍ଚି ଯାଇ ଥାଆନ୍ତି ଯେ, ସେମାନେ ନିଜର ଧନକୁ ଦରିଦ୍ରମାନଙ୍କର ଉନ୍ନତି ସକାଶେ ସର୍ବଦା ବ୍ୟୟ କରି ଥାଆନ୍ତି । ବାସ୍ତବରେ ଇସଲାମ୍ ଧର୍ମ ଏହି ଦୃଷ୍ଟିକୋଣର ଅଧିକାରୀ ଯେ, ସଂସାରରେ ଯେତେ ସବୁ ବସ୍ତୁ ଦେଖିବାକୁ ମିଳିଥାଏ ତାହା ସବୁ ଅଲ୍ଲାଃତାଲାଙ୍କ ମାନବ ଜାତି ଏବଂ ଅନ୍ୟ ପ୍ରାଣୀମାନଙ୍କର ସାମୂହିକ ହିତ ନିମନ୍ତେ ହିଁ ସୃଷ୍ଟି କରାଯାଇଛି । ସେହି ସବୁ ବସ୍ତୁଗୁଡ଼ିକ କୌଣସି ବ୍ୟକ୍ତି ବିଶେଷ ନିମନ୍ତେ ବିଶେଷିତ (ସୃଷ୍ଟି) କରାଯାଇ ନାହିଁ । କାରଣ ସଂସାରରେ ପ୍ରତ୍ୟେକ ପ୍ରକାରର ଯେଉଁ ଧନ ସମ୍ପତି ଅର୍ଜନ କରାଯାଇଥାଏ ତାହା ଅନ୍ୟ ଲୋକମାନଙ୍କର ସହାୟତା ଦ୍ୱାରା ପ୍ରାପ୍ତ କରାଯାଇଥାଏ। ଶ୍ରମିକର ପାରିଶ୍ରମିକ ପୈଠ କରି ସାରିବା ପରେ ମଧ୍ୟ ଧନୀକ ବ୍ୟକ୍ତିମାନଙ୍କର ଧନରେ ସେମାନଙ୍କର ଅଧିକାର ଅବଶିଷ୍ଟ ରହିଥାଏ। ତେଣୁ ଇସଲାମ୍ ଧର୍ମ ଜକାତ୍ ଦେବା ନିମନ୍ତେ ଆଦେଶ ଦେଇଅଛି । କାରଣ ମନୁଷ୍ୟର ଧନ ସମ୍ପଦ ଅନ୍ୟମାନଙ୍କର ଅଧିକାରର ଅପମିଶ୍ରଣ ଠାରୁ ପବିତ୍ର ହୋଇଯାଉ । ଉଦାହରଣ ସ୍ୱରୂପ ଏକ ଖଣି ମାଲିକ ଯଦି ଖଣିରେ କାମ କରୁଥିବା ସମସ୍ତ ଶ୍ରମିକମାନଙ୍କୁ ସଂପୂର୍ଣ୍ଣ ପାରିଶ୍ରମିକ ମଧ୍ୟ ପୈଠ କରିଦିଏ ତେବେ ସେ ଯାହା କିଛି ପୈଠ କରିବ ତାହା ସେମାନଙ୍କର ପାରିଶ୍ରମିକ ହେବ । କିନ୍ତୁ ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷାନୁଯାୟୀ ସେହି ଲୋକମାନେ ମଧ୍ୟ ଯେଉଁମାନେ ଖଣିରେ କାର୍ଯ୍ୟ ସମ୍ପାଦନ କରୁଥିଲେ ସେମାନେ ମଧ୍ୟ ସେହି ଖଣିରେ ଅଂଶୀଦାର ଥିଲେ । ଅତଏବ୍ ସେହି ଶ୍ରମିକମାନଙ୍କର ପାରିଶ୍ରମିକ ପୈଠ କରିବା ପରେ ମଧ୍ୟ ସେମାନଙ୍କୁ ଯେଉଁ ସମ୍ପତ୍ତିଗତ ଅଧିକାର ପ୍ରାପ୍ତ ଥିଲା ତାହା ସମ୍ପାଦିତ ହୋଇ ନଥାଏ। ସେହି ସମ୍ପତ୍ତିଗତ ଅଧିକାର ସମ୍ପାଦନ ହେବାର ଗୋଟିଏ ଉପାୟ ଏବଂ ସ୍ଥିତି ଏହା ମଧ୍ୟ ହୋଇପୋରି ଥାଆନ୍ତା ଯେ, ସେହି ଶ୍ରମିକମାନଙ୍କୁ କିଛି ଅତିରିକ୍ତ ଅର୍ଥରାଶି ପ୍ରଦାନ କରିଦିଆଯାଇଥାଆନ୍ତା । ଏହିପରି ଭାବରେ ମଧ୍ୟ ସେହି କେତେକ ଶ୍ରମିକମାନଙ୍କର ଅଧିକାର ସମ୍ପାଦନ ହୋଇଯାଇ ଥାଆନ୍ତା ଯେଉଁ ଶ୍ରମିକମାନେ ସେହି ଖଣି ଖାଦାନରେ କାମ କରୁଥିଲେ । କିନ୍ତୁ ଅନ୍ୟ ସଂସାର ଯେଉଁମାନେ ଉକ୍ତ ଖଣିରେ ଏହି ଶ୍ରମିକମାନଙ୍କ ପରି ଅଂଶୀଦାର ଥିଲେ ସେମାନେ ନିଜର ଅଧିକାର ପ୍ରାପ୍ତ କରିବାରୁ ବଞ୍ଚିତ ହୋଇଯାଇ ଥାଆନ୍ତା । ସୁତରାଂ ଇସ୍‌ଲାମ୍ ଧର୍ମ ଏହି ଆଦେଶ ଦେଇଛି ଯେ, ପ୍ରତ୍ୟେକ ବ୍ୟକ୍ତି ଅନିର୍ବାର୍ଯ୍ୟ ରୂପେ ନିଜର ଧନର ଏକ ଅଂଶ ଜକାତ୍ ଆକାରରେ ପୈଠ କରୁ । କାରଣ ସରକାର ସେହି ଜକାତକୁ ମାନବ ଜାତିର ଆବଶ୍ୟକତା ସକାଶେ ସାମୂହିକ ରୂପେ ବ୍ୟୟ କରୁ । ସେହିପରି ରସୁଲ୍ କରୀମ୍ ସ.ଅ କହିଲେ, ଯେତେବେଳେ ପ୍ରତ୍ୟେକ ଖଣି ଖାଦାନକୁ ଖୋଜି ବାହାର କରାଯିବ ତେବେ ସେହି ଖଣି ଖାଦାନରୁ ସରକାରଙ୍କୁ 1/5 ଭାଗ ପ୍ରାପ୍ତ ହେବା କାରଣ ସେହି ଅର୍ଥକୁ ଅଭାବି ଏବଂ ଦରିଦ୍ରମାନଙ୍କର ଉପରେ ବ୍ୟୟ କରାଯାଉ । ଠିକ୍ ସେହିପରି ଇସ୍‌ଲାମ୍ ଧର୍ମ ମଧ୍ୟ ଜମିରେ ଯେଉଁ ଭାଗ ବା ଅଂଶ ରହିଛି ତାହାକୁ ସମଗ୍ର ମାନବଜାତି ସକାଶେ ସଂରକ୍ଷିତ କରିଦେଇଛି। ଯେପରି ଏକ ଜମିଦାର ନିଜ ଜମିରୁ ନିଜ ନିମନ୍ତେ ଜୀବିକା (ଶସ୍ୟ ଉତ୍ପନ୍ନ କରିଥାଏ) ସୃଷ୍ଟି କରିଥାଏ ସେ ନିଜ ପରିଶ୍ରମର ଫଳ ସେବନ କରିଥାଏ । କିନ୍ତୁ ବାସ୍ତରେ ସେ ସେହି ଜମିରୁ ହିଁ ଲାଭବାନ୍ ହୋଇଥାଏ । ଅର୍ଥାତ୍ ସେହି ଜମି ଯାହାକି ସମଗ୍ର ମାନବଜାତି ନିମନ୍ତେ ସାମୂହିକ ରୂପେ ସୃଷ୍ଟି କରାଯାଇଛି । ଅତଏବ୍ ସେହି ଜମିରୁ ଯେଉଁ ଆୟ ପ୍ରାପ୍ତ ହୁଏ ତହିଁରେ ମଧ୍ୟ ଏକ ଭାଗ ଅନିର୍ବାର୍ଯ୍ୟ ରୂପେ ସରକାରକୁ ପ୍ରଦାନ କରିବାକୁ ପଡ଼ିଥାଏ । କାରଣ ସେହି ଆୟକୁ ସମଗ୍ର ମାନବଜାତି ସକାଶେ ବ୍ୟୟ କରାଯାଉ, ସମାବସ୍ଥା ବ୍ୟବସାୟର ମଧ୍ୟ ରହିଛି । ବ୍ୟବସାୟୀ ପ୍ରକାଶ୍ୟ ରୂପେ ନିଜ ଧନକୁ ବିନିଯୋଗ କରି ବ୍ୟବସାୟ କରିଥାଏ । କିନ୍ତୁ ତା'ର ବାଣିଜ୍ୟ ବ୍ୟବସାୟ ଦେଶୀୟ ଶାନ୍ତି ବ୍ୟତୀରେକ କଦାପି ଆଗକୁ ଅଗ୍ରସର ହୋଇପାରିବ ନାହିଁ ଏବଂ ଶାନ୍ତି ସ୍ଥାପନ କରିବା ଦିଗରେ ଦେଶର ପ୍ରତ୍ୟେକ ନାଗରିକଙ୍କ ଅଂଶ ଏବଂ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ସୁତରାଂ ଅଭାବି ଏବଂ ଦରିଦ୍ରମାନଙ୍କୁ ସେମାନଙ୍କର ଅଧିକାର ପ୍ରଦାନ କରିବା ନିମନ୍ତେ ବାଣିଜ୍ୟ ଓ ବ୍ୟବସାୟିକ ଧନ ଉପରେ ମଧ୍ୟ ଇସ୍‌ଲାମ୍ ଧର୍ମ ଜକାତ୍ ଲଗାଇ ଦେଇଛି । କାରଣ ସେହି ଧନ ଯହିଁରେ ଅନ୍ୟ ଲୋକମାମନେ ମଧ୍ୟ ଅନ୍ତର୍ଭୁକ୍ତ ଅଟନ୍ତି ତାହା ସମ୍ପାଦନ ହୋଇଯାଉ । ସରକାର ଏପରି ସମସ୍ତ ଧନକୁ ଯାହାକି ମାନବଜାତି ସହିତ ସଂପର୍କିତ ବା ଜଡ଼ିତ ଅଟନ୍ତି ସେହି ସମସ୍ତ ପ୍ରସଙ୍ଗକୁ ସମ୍ପାଦନ କରିବା (ଜନ କଲ୍ୟାଣ) ନିମନ୍ତେ ସରକାର ସେହି ଧନକୁ ବ୍ୟୟ କରନ୍ତୁ ।" **(ତଫସିର୍ କବିର୍, ଭାଗ-6, ପୃ-128, ପ୍ରକାଶନ ସ୍ଥାନ-କାଦିୟାନ୍, 2010 ମସିହା)**

☆--☆--☆

**ବିଗତ ସଂଖ୍ୟା-22-23, ପୃ-12ରେ ବର୍ଣ୍ଣିତ ଖୁତ୍‌ବା ଜୁମା-21-3-2025ର ଅବଶିଷ୍ଟାଂଶ....**

ସାଂପ୍ରତିକ କାଳରେ ଅଲ୍ଲାଃତାଲା ଆମମାନଙ୍କ ଉପରେ ଅପାର କୃପାବର୍ତୀର୍ଣ୍ଣ କଲେ ଏବଂ ନିଜର ଧର୍ମ ଏବଂ ହ. ନବୀ କରୀମ୍ ସ.ଅଙ୍କ ସମର୍ଥନରେ ସ୍ୱାଭିମାନ ପ୍ରଦର୍ଶନ କରି ଜଣେ ବ୍ୟକ୍ତି ଯିଏ ତୁମମାନଙ୍କ ମଧ୍ୟରେ କଥା କହୁଅଛି ତାହାକୁ ପ୍ରେରଣ କଲେ । ଅର୍ଥାତ୍ ହ. ମସିହ୍ ମଉଦ୍ ଅ.ସଙ୍କୁ ପ୍ରେରଣ କଲେ । କାରଣ ସେହି ପ୍ରତିଶୃତ ମସିହ୍ ସେହି ଆଲୋକ ଆଡ଼କୁ ଲୋକମାନଙ୍କୁ ଆମନ୍ତ୍ରିତ କରୁ । ଯଦି ସଂସାରରେ ଏପରି ଉପଦ୍ରବ ଏବଂ କଳହ ନଥାଆନ୍ତା, ଧର୍ମକୁ ନିଶ୍ଚିହ୍ନ କରିବା ନିମନ୍ତେ ଯେଉଁଭଳି ଉଦ୍ୟମ ହେଉଛି ତାହା ଯଦି ନହୁଅନ୍ତା ତେବେ କୌଣସି ଅସୁବିଧା ଓ ସମସ୍ୟା ନଥିଲା । କିନ୍ତୁ ତୁମେମାନେ ବର୍ତ୍ତମାନ ଅବଲୋକନ କରୁଛ ଯେ, ପ୍ରତ୍ୟେକ ପାର୍ଶ୍ୱରେ ୟମିନ୍ ଓ ୟସାର୍ (ବାମ ଓ ଡାହାଣ ପାର୍ଶ୍ୱ)ରୁ ଇସ୍‌ଲାମ୍ ଧର୍ମକୁ ନିଶ୍ଚିହ୍ନ କରିବା ନିମନ୍ତେ ସମଗ୍ର ଜାତି ଏବଂ ଅନ୍ୟ ଧର୍ମାବଲମ୍ବୀମାନେ ଚିନ୍ତିତ ଅଟନ୍ତି ।" **(ମଲ୍‌ଫୁଜାତ୍, ଭାଗ-1, ପୃ-72-73, ସଂସ୍କରଣ ବର୍ଷ-1984ରୁ ଉଦ୍ଧୃତ)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆଜିକାଲି ତ' ଏହି ଜାତିମାନେ ଆହୁରି ଅଧିକ ଚେଷ୍ଟା କରୁଛନ୍ତି ଏବଂ ବଳ ପ୍ରୟୋଗ କରୁଛନ୍ତି । ଯଦି ଇସ୍‌ଲାମ୍ ଧର୍ମର ବିରୋଧ ନହୋଇ ଥାଆନ୍ତା ତେବେ ମସିହ୍ ମଉଦ୍ ଅ.ସଙ୍କ ଆସିବାର କିଛି ଆବଶ୍ୟକତା ନଥିଲା । କିନ୍ତୁ ଆମେମାନେ ଦେଖୁଛେ ଯେ, ଆଜକୁ 136 ବର୍ଷ ପୂର୍ବେ ଯେତେବେଳେ ଆପଣ ଅ.ସ ଦାବି କରିଥିଲେ ସେବେ ଠାରୁ ଆଜି ପର୍ଯ୍ୟନ୍ତ ତହିଁରୁ ଅଭିବୃଦ୍ଧି ହୋଇ ଚାଲିଛି । ଆପଣ ଅ.ସ ଏକ ସ୍ଥଳରେ କହିଲେ, "ତୁମେମାନେ (ବିରୋଧୀମାନେ) ମୋତେ ଏହା କହୁଛ ଯେ, ମୁଁ ଦୋକାନୀ ସାଜି ଦୋକାନ ଚଳାଇଛି । ମୋର ତ' କୌଣସି ଦୋକାନ କି ବ୍ୟବସାୟ ନାହିଁ ? ମସିହ୍ ମଉଦ୍‌ଙ୍କ କାର୍ଯ୍ୟ ତ' ଧର୍ମ ପ୍ରସାର ଅଟେ ଏବଂ ଧର୍ମ ବ୍ୟବସାୟ ଅଟେ । ହଁ ଯଦି କୌଣସି ବ୍ୟକ୍ତି ବ୍ୟବସାୟର ନାମକରଣ କରିବାକୁ ଚାହୁଁଛି ତେବେ ଏହି ବ୍ୟବସାୟ ଧର୍ମର ବ୍ୟବସାୟ ଅଟେ । ଆପଣ ଅ.ସ କହିଲେ, ତୁମେମାନେ ମୋତେ ଯଦି କୌଣସି ସତ୍ୟ କଥା ପଚାରୁଛ ତେବେ ଭଲ ଭାବରେ ବୁଝିନିଅ ଯେ, ସାଂସାରିକ ବ୍ୟବସାୟ ଦୃଷ୍ଟିରୁ ମୋର ଉଦାହରଣ ମୃତ ବ୍ୟକ୍ତି ପରି, ମୁଁ କେବଳ ଧର୍ମ ସକାଶେ ହିଁ ଉଦ୍ଦିଷ୍ଟ ଅଟେ । ମୋର ସମସ୍ତ ବ୍ୟାପାର (କାର୍ଯ୍ୟ) ଧାର୍ମିକ ଅଟେ । ଯେପରି ଇସ୍‌ଲାମ୍ ଧର୍ମରେ ସାଧୁ ସନ୍ଥ ଏବଂ ଧର୍ମାଧକ୍ଷମାନଙ୍କର କାର୍ଯ୍ୟ ଧାର୍ମିକ ହୋଇଥାଏ ଠିକ୍ ସେହିପରି ମୋର ସମସ୍ତ କାର୍ଯ୍ୟ ମଧ୍ୟ ଧାର୍ମିକ ଅଟେ । ମୋର କୌଣସି ପନ୍ଥା ଏବଂ ମାର୍ଗ ସେହି ସାଧୁ ସନ୍ଥ ଏବଂ ଧର୍ମାଧକ୍ଷଙ୍କ ଠାରୁ ଭିନ୍ନ ଓ ନୂତନ ନୁହେଁ । ବରଂ ମୁଁ ଲୋକମାନଙ୍କୁ ସେହି ଆସ୍ଥା ଭିତ୍ତିକ ମାର୍ଗ ଏବଂ ପନ୍ଥା ଠାରୁ ଯାହାକି ସେମାନଙ୍କ ନିମନ୍ତେ ବିପଦଜନକ ଅଟେ ତହିଁରୁ ଦୂର କରିବାକୁ ଚାହୁଁଛି। ମୁଁ ସେହି କୁବିଶ୍ୱାସକୁ ଦୂର କରିବାକୁ ଚାହୁଁଛି ଯାହାକି ସେମାନଙ୍କ ନିମନ୍ତେ ଅତି ଭୟଙ୍କର ଅଟେ । ମୁଁ ସେମାନଙ୍କ ମନରୁ ସେହି ଅନ୍ଧବିଶ୍ୱାସ ଏବଂ କୁଧାରଣା କାଢ଼ିବାକୁ ଚାହୁଁଛି । ତେଣୁ ମୋର ପ୍ରକୃତ ଉଦ୍ଦେଶ୍ୟ ଏବଂ ଅଭିପ୍ରାୟ ଏହା ହିଁ ଅଟେ। କାରଣ କେତେକ ପ୍ରକାରର ନୂତନ ଆହୃତ ରୀତି ସ୍ଥାନ ପାଇଯାଇଛି । **(ଅବଶିଷ୍ଟାଂଶ.....ପୃ-10 ସଂଖ୍ୟାରେ)**

## 130 ତମ ଜଲ୍‌ସା ସାଲାନା କାଦିୟାନ୍, ତା-26, 27, 28, ଡିସେମ୍ବର, 2025 ମସିହାରେ ଆୟୋଜିତ ହେବ

ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ 130 ତମ ଜଲ୍‌ସା ସାଲାନା କାଦିୟାନ୍ 2025 ମସିହା ନିମନ୍ତେ ତା-26, 27, 28 ଡିସେମ୍ବର 2025 ମସିହା (ବାର-ଶୁକ୍ରବାର, ଶନିବାର ଓ ରବିବାର) ପାଇଁ ତାରିଖ ଓ ବାର ମଞ୍ଜୁର (ଅନୁମୋଦନ) କରିଛନ୍ତି ।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ଏବେଠାରୁ ହିଁ ଦୁଆର ସହିତ ଉକ୍ତ କଲ୍ୟାଣମୂଳକ ଜଲ୍‌ସାରେ ସାମିଲ୍ ହେବାର ଉଦ୍ଦେଶ୍ୟ ନେଇ ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଉକ୍ତ ଐଶୀଭିତ୍ତିକ ଆଧାତ୍ମିକ ଜଲ୍‌ସାରେ ଅଧିକରୁ ଅଧିକ ଲୋକମାନଙ୍କୁ ଅଂଶ ଗ୍ରହଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଯଦ୍ଦ୍ୱାରାକି ଲୋକମାନେ ଉକ୍ତ ଜଲ୍‌ସାରୁ ଉପକୃତ ହୋଇପାରିବେ । ସେହିପରି ହ. ମସିହ୍ ମଉଦ୍ ଅ.ସ ଜଲ୍‌ସାରେ ସାମିଲ୍ ହୋଇଥିବା ଅଂଶଗ୍ରହଣକାରୀଙ୍କ ସପକ୍ଷରେ ଯେଉଁ ଦୁଆ କରିଛନ୍ତି ଅଲ୍ଲାଃତାଲା ସେହି ସମସ୍ତ ଦୁଆକୁ ସ୍ୱୀକାର କରି ଲୋକମାନଙ୍କୁ ଆପଣ ଅ.ସଙ୍କ ଦୁଆର ପ୍ରକୃତ ଅଧିକାରୀ କରନ୍ତୁ । **ଆମିନ୍** । ସେହିପରି ଉକ୍ତ ଜଲ୍‌ସା ସାଲାନା ପ୍ରତ୍ୟେକ ଦୃଷ୍ଟିରୁ ସାଫଲ୍ୟମଣ୍ଡିତ ଏବଂ କଲ୍ୟାଣମୟ ହେବା ନିମନ୍ତେ ଓ ପୁଣ୍ୟାତ୍ମାମାନଙ୍କ ମାର୍ଗଦର୍ଶନର କାରଣ ହେବା ନିମନ୍ତେ ଦୁଆ ଜାରି ରଖନ୍ତୁ । ଯଜାକୁମୁଲ୍ଲାଃହୁ ତାଆଲା ଓ ଅହ୍‌ସନଲ୍ ଯଜା । ଅଲ୍ଲାଃତାଲା ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ । ଆମିନ୍ । **(ନାଜିର୍ ଇସ୍‌ଲାହ୍ ଓ ଇର୍ଶାଦ୍ ମର୍କଜିୟାହ୍ କାଦିୟାନ୍)**

## (ଖୁତ୍‌ବା ଜୁମା)

ମଉତା ଯୁଦ୍ଧ ଅଭିମୁଖେ ନବୀ କରୀମ୍ ସ.ଅ ନିଜର ସୈନ୍ୟ ବାହିନୀ ପ୍ରେରଣ କରି ସେହି ସୈନ୍ୟବାହିନୀକୁ ଉପଦେଶ ଦେଲେ: "ହେ ମୋର ସୈନ୍ୟବାହିନୀ! ମୁଁ ତୁମମାନଙ୍କୁ ଅଲ୍ଲାଃତାଲାଙ୍କ ଧର୍ମପରାୟଣତା ଅବଲମ୍ବନ କରିବା ଏବଂ ନିଜ କଲ୍ୟାଣ କରିବା ସହିତ ମୁସଲମାନମାନଙ୍କର କଲ୍ୟାଣ ସାଧନ କରିବା ନିମନ୍ତେ ଓସିୟତ୍ (ତାଗିଦ୍) କରୁଛି । ଅଲ୍ଲାଃତାଲାଙ୍କ ନାମ ନେଇ ଅବଜ୍ଞାକାରୀମାନଙ୍କ ସହିତ ଯୁଦ୍ଧ କର । ତୁମେମାନେ କାହାରିକୁ ଧୋକା ଦେବ ନାହିଁ, କାହା ସହିତ ବିଶ୍ୱାସଘାତକତା କରିବା ନାହିଁ, ନା ହିଁ ତୁମେ କୌଣସି ସ୍ତନ୍ୟପାନ କରୁଥିବା ଶିଶୁକୁ ବଧ କରିବ, ନା କୌଣସି ମହିଳା ଓ ବୃଦ୍ଧ ବ୍ୟକ୍ତିର ବଧ କରିବ। ତୁମେମାନେ କୌଣସି ଖଜୁରୀ କୋଳି ବୃକ୍ଷ କାଟିବ ନାହିଁ କି ଅନ୍ୟ ବୃକ୍ଷ ମଧ୍ୟ କାଟିବ ନାହିଁ । ବରଂ ତତ୍‌ସିହତ ତୁମେମାନେ କୌଣସି ଭବନକୁ ମଧ୍ୟ ଭୂମିସାତ୍ କରିବା ନାହିଁ । "

— — — — — — — — — — — — — — — — — — — — —

ସନ୍ 7 ହିଜ୍ରୀ ଏବଂ ୪ ହିଜ୍ରୀରେ ଘଟିଥିବା ଯୁଦ୍ଧ ଏବଂ ସରାୟା (କ୍ଷୁଦ୍ର ଯୁଦ୍ଧ ବା ଯେଉଁ ଯୁଦ୍ଧରେ ଆଁହଜରତ ସ.ଅ ସାମିଲ୍ ହୋଇ ନଥିଲେ)ର ପୃଷ୍ଠଭୂମିରେ ନବୀ କରୀମ୍ ସ.ଅଙ୍କ ପବିତ୍ର ଜୀବନୀ ଚର୍ଚ୍ଚା ।

— — — — — — — — — — — — — — — — — — — — —

କରାଚୀର ଶହୀଦ୍ ଲଇକ୍ ଅହମଦ୍ ଚିମା ସାହେବ, ରବ୍‌ୱାର ଡାକ୍ତର ମସ୍‌ଉଦୁଲ୍ ହସନ୍ ନୂରୀ ସାହେବଙ୍କ ପତ୍ନି ସ୍ୱର୍ଗତା ସମ୍ମାନନୀୟା ସାହାବ୍‌ଜାଦି ଅମତୁଲ୍ ମୁସୱିର୍ ନୁରୀ ସାହେବା ଓ ବୁର୍କିନାଫାସୋର ସ୍ଥାନୀୟ ମୁବଲ୍ଲିଗ୍ ସିଲ୍‌ସିଲା ସମ୍ମାନନୀୟ ସ୍ୱର୍ଗତ ହସନ୍ ସାନୋଗୋ ଅବୁ ବକ୍କର ସାହେବଙ୍କ ଉତ୍ତମ ଚର୍ଚ୍ଚା ଏବଂ ନମାଜ ଯନାଜାଃ ଗାଏବ୍ ।

— — — — — — — — — — — — — — — — — — — — —

ଆଜି ମଧ୍ୟ ଏକ ସୂଚନା ପ୍ରାପ୍ତ ହୋଇଛି ଯେ, କୁସୁର ନାମକ ଏକ ପ୍ରାନ୍ତରେ ଜନୈକ ଅହେମଦି ଯୁବକକୁ ଶହୀଦ୍ କରାଯାଇଛି ଅଲ୍ଲାଃତାଲା ଅତ୍ୟାଚାରୀମାନଙ୍କର ଶୀଘ୍ର ଧରପକଡ଼ ପାଇଁ ବ୍ୟବସ୍ଥା କରନ୍ତୁ ଏବଂ ସେମାନଙ୍କ ନିମନ୍ତେ ବର୍ତ୍ତମାନ ଏହା ହିଁ ଉଦ୍ଦିଷ୍ଟ ଯେ, اَللّٰهُمَّ مَزِّقْهُمْ كُلَّ مُمَزَّقٍ وَسَحِّقْهُمْ تَسْحِيْقًا ।

— — — — — — — — — — — — — — — — — — — — —

**25 APRIL 2025 ମସିହା ଅନୁଯାୟୀ ୨୫ ଶାହଦତ୍ ୧୪୦୪ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعٰلَمِيْنَ۔ اَلرَّحْمٰنِ الرَّحِيْمِ۔ مٰلِكِ يَوْمِ الدِّيْنِ۔ إِيَّاكَ نَعْبُدُ وَ إِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّالِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ, ଆଁହଜରତ ସ.ଅଙ୍କ କାଳର ବିଭିନ୍ନ ଅଭିଯାନର ଚର୍ଚ୍ଚା ଚାଲିଥିଲା । ସେହି କ୍ରମରେ ଆଜି ଏକ ସରିୟାର ଚର୍ଚ୍ଚା କରିବି । ସେହି ସରିୟାଟି ହେଲା ସରିୟା ହ. ଗାଲିବ୍ ବିନ୍ ଅବଦୁଲ୍ଲାଃ ଲୈସି ର.ଅ ଫଦକ୍ ଅଭିମୁଖେ । ହ. ବଶୀର୍ ବିନ୍ ସାଆଦ୍ ର.ଅ ଶାବାନ୍ 7 ହିଜ୍ରୀରେ 30 ଜଣ ସଦସ୍ୟଙ୍କ ସମେତ ଫଦକ୍‌ର ବନୁ ମୁରାହ୍ ସଂପ୍ରଦାୟ ଅଭିମୁଖେ (ଆଡ଼କୁ) ଗଲେ । ବନୁ ମୁରାହ୍ ହ. ବଶୀର୍ ବିନ୍ ସାଆଦ୍‌ଙ୍କ ସମସ୍ତ ସାଥିମାନଙ୍କୁ ଶହୀଦ୍ କରିଦେଲେ।

**(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-6, ପୃ-132, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ ଘଟଣାର ଚର୍ଚ୍ଚା ପୂର୍ବେ ହୋଇ ସାରିଛି । ରସୁଲୁଲ୍ଲାଃ ସ.ଅଙ୍କୁ ଯେତେବେଳେ ହ. ବଶୀର୍ ବିନ୍ ସାଆଦ୍‌ଙ୍କ ସାଥିମାନଙ୍କର ଶାହାଦତ୍‌ର ସୂଚନା ପ୍ରାପ୍ତ ହେଲା ସେତେବେଳେ ଆପଣ ହ. ଜୁବୈର୍ ବିନ୍ ଅୱାମ୍ ର.ଅଙ୍କୁ ପ୍ରସ୍ତୁତ କଲେ ଏବଂ କହିଲେ, ଯାଅ ! ଏପର୍ଯ୍ୟନ୍ତକି ତୁମେମାନେ ସେହି ସ୍ଥାନରେ ପହଞ୍ଚିଯିବ ଯେଉଁଠି ହ. ବଶୀର୍ ବିନ୍ ସାଆଦ୍ ର.ଅଙ୍କ ସହିତ ସାଥିମାନେ ଶହୀଦ୍ (ବୀରଗତି ପ୍ରାପ୍ତ କରିଥିଲେ) ହୋଇଥିଲେ । ଅଲ୍ଲାଃତାଲା ଯଦି ତୁମମାନଙ୍କୁ ବିଜୟ ପ୍ରଦାନ କରିଦେଲେ ତେବେ ତୁମେ ସେମାନଙ୍କ ମଧ୍ୟରୁ କାହାରିକୁ ବି ଛାଡ଼ିବ ନାହିଁ । ଯେଉଁମାନେ ଶତ୍ରୁ ଅଟନ୍ତି, ଯେଉଁମାନେ ଅତ୍ୟାଚାର କରିଥିଲେ, ଯେଉଁମାନେ ହତ୍ୟା କରିଥିଲେ ଏବଂ ମୁସଲମାନମାନଙ୍କୁ ଶହୀଦ୍ କରିଥିଲେ ସେମାନେଙ୍କୁ ଛାଡ଼ିବ ନାହିଁ । ଆଁହଜରତ ସ.ଅ ଆପଣ ର.ଅଙ୍କ ସହିତ 200 ସାହାବାମାନଙ୍କୁ ପ୍ରସ୍ତୁତ କଲେ ଏବଂ ସେମାନଙ୍କ ନିମନ୍ତେ ଧ୍ୱଜା ବାନ୍ଧିଲେ ।

**(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-6, ପୃ-140, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ଯେତେବେଳେ ହ. ଗାଲିବ୍ ବିନ୍ ଅବ୍‌ଦୁଲ୍ଲାଃ ର.ଅ ସରିୟା କଦିଦ୍ (କ୍ଷୁଦ୍ର ଯୁଦ୍ଧ ବା ଯେଉଁ ଯୁଦ୍ଧରେ ଆଁହଜରତ ସ.ଅ ସାମିଲ୍ ହୋଇ ନଥିଲେ)ରୁ ବିଜୟୀ ହୋଇ ଫେରିଲେ ସେତେବେଳେ ଆଁହଜରତ ସ.ଅ ହ. ଜୁବୈର୍ ବିନ୍ ଅୱାମ୍ ର.ଅଙ୍କୁ କହିଲେ, ବସିଯାଅ (ଅର୍ଥାତ୍ ତୁମେ ଯାଅ ନାହିଁ) ଏବଂ ହ. ଗାଲିବ୍ ବିନ୍ ଅବ୍‌ଦୁଲ୍ଲାଃ ର.ଅଙ୍କୁ 200 ସାହାବାଙ୍କ ସମେତ ପ୍ରେରଣ କଲେ । ସୁତରାଂ ହ. ଗାଲିବ୍ ର.ଅ ଯେତେବେଳେ ଶତ୍ରୁ ନିକଟରେ ପହଞ୍ଚିଗଲେ ସେତେବେଳେ ସେ ନିଜର ଗୁଇନ୍ଦା ପ୍ରେରଣ କଲେ । ଅର୍ଥାତ୍ ହ. ଗାଲିବ୍ ର.ଅ ଗୁଇନ୍ଦା ପ୍ରେରଣ କଲେ । ହ. ଗାଲିବ୍ ର.ଅ ଉଲ୍‌ବା ବିନ୍ ଜୈଦ୍ ର.ଅଙ୍କୁ 10 ଜଣ ସଦସ୍ୟଙ୍କ ସହିତ ଶତ୍ରୁର ରହଣୀ ସ୍ଥାନ ଆଡ଼କୁ ପ୍ରେରଣ କଲେ । ସେମାନେ ଯେତେବେଳେ ଏକ ଦଳକୁ ଦେଖିଲେ ଏବଂ ହ. ଗାଲିବଙ୍କ ନିକଟକୁ ଫେରିଆସି ସମସ୍ତ ପରିସ୍ଥିତି ବର୍ଣ୍ଣନା କଲେ । ହ. ଗାଲିବ୍ ଆଗକୁ ଅଗ୍ରସର ହୋଇ ଶତ୍ରୁର ଏତେ ନିକଟବର୍ତ୍ତୀ ହୋଇଗଲେ ଯେ, ଆପଣ ସେମାନଙ୍କୁ (ଶତ୍ରୁଙ୍କୁ) ଅତି ସହଜରେ ଦେଖି ପାରୁଥିଲେ । ଶତ୍ରୁ ପକ୍ଷ ଶାନ୍ତିପୂର୍ଣ୍ଣ ଭାବରେ ନିଦ୍ରାରେ ଶୋଇଯାଇଥିଲା । ହ. ଗାଲିବ୍ ର.ଅ ଅଲ୍ଲାଃତାଲାଙ୍କ ପ୍ରଶଂସା ଗାନ କଲେ ଏବଂ ନିଜର ସାଥିମାନଙ୍କୁ ଏହି ଭାଷଣ ଦେଲେ ଯେ, ମୁଁ ତୁମମାନଙ୍କୁ ଅଲ୍ଲାଃତାଲାଙ୍କ وَحدہٗ لاشریک لہٗର ଧର୍ମପରାୟଣତା ଅବଲମ୍ବନ କରିବା ନିମନ୍ତେ ତାଗିଦ୍ କରୁଛି । ତୁମେମାନେ ମୋର ଆଜ୍ଞା ପାଳନ କର ଏବଂ ମୋର ଅବଜ୍ଞା ପ୍ରଦର୍ଶନ କର ନାହିଁ । ମୋର କୌଣସି ଆଦେଶର ବିରୋଧ ତଥା ଅବମାନନା କର ନାହିଁ । କାରଣ ଯେଉଁ ବ୍ୟକ୍ତି ଆଜ୍ଞାପାଳନ କରେ ନାହିଁ ସେହି ବ୍ୟକ୍ତିର କୌଣସି ମତକୁ ସ୍ୱୀକାର କରାଯାଏ ନାହିଁ । ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ଉପରୋକ୍ତ ଶବ୍ଦ ଏହିପରି ବର୍ଣ୍ଣିତ ହୋଇଛି ଯେ, "ତୁମେମାନେ ମୋର ଅବଜ୍ଞା ପ୍ରଦର୍ଶନ କର ନାହିଁ । କାରଣ ରସୁଲୁଲ୍ଲାଃ ସ.ଅ କହିଛନ୍ତି ଯେ, ଯେଉଁ ବ୍ୟକ୍ତି ନିଜ ଅମୀରଙ୍କର ଆଜ୍ଞା ପାଳନ କଲା ସିଏ ମୋର ଆଜ୍ଞା ପାଳନା କଲା । ସେହିପରି ଯେଉଁ ବ୍ୟକ୍ତି ନିଜ ଅମୀରଙ୍କର ଅବଜ୍ଞା ପ୍ରଦର୍ଶନ କଲା ସିଏ ମୋର ଅବଜ୍ଞା ପ୍ରଦର୍ଶନ କଲା । ଅତଏବ୍ ତୁମେମାନେ ଯଦି ମୋର ଅବଜ୍ଞା ପ୍ରଦର୍ଶନ କରିବ ତେବେ ତୁମେମାନେ ନିଜ ପ୍ରିୟାବତାର ତଥା ବାର୍ତ୍ତାବହ ହ. ମୁହମ୍ମଦ୍ ସ.ଅଙ୍କର ଅବଜ୍ଞା ପ୍ରଦର୍ଶନ କରିବ ।"

ପୁନଶ୍ଚ ସେ ସେମାନଙ୍କ ମଧ୍ୟରେ ଭ୍ରାତୃତ୍ୱତା ବନ୍ଧନ ସ୍ଥାପନ କଲେ ଏବଂ କହିଲେ, ହେ ଅମକ ବ୍ୟକ୍ତି ! ତୁମେ ଅମକ ବ୍ୟକ୍ତି ସହିତ ଅଛ ଏବଂ ହେ ଅମକ ବ୍ୟକ୍ତି ! ତୁମେମାନେ ଅମକ ବ୍ୟକ୍ତି ସହିତ ଅଛି । ତୁମମାନଙ୍କ ମଧ୍ୟରୁ କେହି ବି ନିଜ ଭାଇ ଠାରୁ ଭିନ୍ନ ନହେଉ । ଏପରି ନହେଉ ଯେ, ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ମୋ ନିକଟକୁ ଆସିବ ଏବଂ ମୁଁ ତା'କୁ ପଚାରିବି ଯେ, ତୁମର ସାଥି କାହିଁ ? ତେବେ ତୁମେମାନେ କହିବ ଆଜ୍ଞା ମୁଁ ଜାଣି ନାହିଁ । ଆପଣ ପୁନଶ୍ଚ କହିଲେ, ଯେତେବେଳେ ମୁଁ ତକ୍‌ବିର୍ (ସ୍ଲୋଗାନ୍) କହିବି ସେତେବେଳେ ତୁମେମାନେ ମୋ ସହିତ ସ୍ଲୋଗାନ୍ ଦେବ । ଅତଏବ୍ ଯୁଦ୍ଧ ଆରମ୍ଭ ହେଲା ଏବଂ ମୁସଲମାନମାନେ ଯେତେବେଳେ ଶତ୍ରୁ ପକ୍ଷକୁ ଘେରିନେଲେ ସେତେବେଳେ ହ. ଗାଲିବ୍ ର.ଅ ତକ୍‌ବିର୍ କହିଲେ, । ଅନ୍ୟ ସାହାବାମାନେ ମଧ୍ୟ ତକ୍‌ବିର୍ କହିଲେ ଏବଂ ଖଡ଼ଗ ଧରି ପକାଇଲେ । ଶତ୍ରୁ ମଧ୍ୟ ଯୁଦ୍ଧ କରିବା ନିମନ୍ତେ ପ୍ରସ୍ତୁତ ହୋଇ ବାହାରି ଆସିଲା । କିଛି କ୍ଷଣ ପର୍ଯ୍ୟନ୍ତ ଯୁଦ୍ଧ ଜାରି ରହିଲା ଏବଂ ମୁସଲମାନମାନେ ଇଚ୍ଛାନୁଯାୟୀ ସେମାନଙ୍କୁ ହତ୍ୟା କରିଦେଲେ। ସେଦିନ ମୁସଲମାନମାନଙ୍କର ମୁଖ୍ୟ ଶବ୍ଦ **ଅମିତ୍ ଅମିତ୍** ଥିଲା । ମୁସଲମାନମାନେ ଅନେକ ଛେଳୀ ମେଣ୍ଢା ମାଲେ ଗନିମତ୍ ଆକାରରେ ଘଉଡ଼ାଇ ଆଣିଲେ । ପ୍ରତ୍ୟେକ ବ୍ୟକ୍ତିର ଭାଗରେ 10ଟି ଲେଖାଏଁ ଓଟ କିମ୍ବା ଗୋଟିଏ ଓଟ ବଦଳରେ 10ଟି ଲେଖାଏଁ ଛେଳୀ ପଡ଼ିଲା। **(ସିରତୁଲ୍ ହଲବିୟାହ୍, ଭାଗ-3, ପୃ-266, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି ଆଉ ଏକ ସରିୟା ରହିଛି ଯାହାର ନାମ ହେଲା ସିଈୟୀ । ଉକ୍ତ ସରିୟୀ ହ. ଶୁଯାଅ ବିନ୍ ୱହବ୍ ର.ଅଙ୍କ ନେତୃତ୍ୱରେ ସିଈୟୀ ଅଭିମୁଖେ ହୋଇଥିଲା । ଏହି ସରିୟା ରବିଉଲ୍ ଅୱଲ୍ ୪ ହିଜ୍ରୀରେ ହ. ଶୁଯାଅ ବିନ୍ ୱବହ୍ ର.ଅଙ୍କ ନେତୃତ୍ୱରେ ହୋଇଥିଲା । ସିଈୟୀ ମଦିନା ଠାରୁ 5 ମାଇଲ୍ ରାତ୍ର ବ୍ୟବଧାନରେ ଅବସ୍ଥିତ ଏକ ସ୍ଥାନ ଅଟେ । ଏହି ସ୍ଥାନଟି ମକ୍କା ଓ ମଦିନାର ଏକ ମଧ୍ୟବର୍ତ୍ତୀ ସ୍ଥାନ ଥିଲା । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-3, ପୃ-142, ଦାରୁଲ୍**

**କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ଶରହୁଜ୍ ଜର୍କାନୀ ଅଲଲ୍ ମୱାହିବିଲ୍ ଲୁଦନିୟାହ୍, ଭାଗ-3, ପୃ-337, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍)**

ହ. ଶୁଯାଅ ର.ଅଙ୍କ ପିତାଶ୍ରୀଙ୍କ ନାମ ୱହବ୍ ବିନ୍ ରବିୟାହ୍ ଥିଲା । ହ. ଶୁଯାଅ ର.ଅ ସେହି ବରିଷ୍ଠ ସାହାବାମାନଙ୍କ ମଧ୍ୟରେ ଗଣ୍ୟ ହେଉଥିଲେ ଯେଉଁମାନେ ପ୍ରାରମ୍ଭିକ କାଳରେ ହିଁ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିଥିଲେ । ଆଁହଜରତ୍ ସ.ଅଙ୍କ ଅବତାରତ୍ୱର 6 ବର୍ଷ ପରେ ହୁଜୁର୍ ସ.ଅଙ୍କ ଇଙ୍ଗିତ କ୍ରମେ ହବ୍‌ଶା ପ୍ରବାସକାରୀଙ୍କ ଦ୍ୱିତୀୟ ଯାତ୍ରୀ ସମୂହଙ୍କ ମଧ୍ୟରେ ସାମିଲ୍ ହୋଇ ହବ୍‌ଶା ଚାଲି ଯାଇଥିଲେ । କିଛି କାଳ ପରେ ଏହି ଗୁଜବ ଶୁଣି କି ମକ୍କାବାସୀମାନେ ମୁସଲମାନ ହୋଇଯାଇଛନ୍ତି ହ. ଶୁଯାଅ ହବ୍‌ଶାରୁ ମକ୍କା ଫେରି ଆସିଲେ । ଆଁହଜରତ ସ.ଅ ସାହାବାମାନଙ୍କୁ ମଦିନା ପ୍ରବାସ କରିବା ନିମନ୍ତେ ଯେତେବେଳେ ଅନୁମତି ପ୍ରଦାନ କଲେ ସେତେବେଳେ ହ. ଶୁଯାଅ ର.ଅ ନିଜର ଭାଇ ଉକ୍‌ବା ବିନ୍ ୱହବ୍‌ଙ୍କ ସହିତ ମକ୍କାର ଭୂମିକୁ ବିଦାୟ ଜଣାଇ ମଦିନା ଚାଲିଗଲେ । ହ. ଶୁଯାଅ ର.ଅ ବଦର୍, ୱହୋଦ, ଖନ୍ଦକ୍ ସମେତ ଅନ୍ୟ ସମସ୍ତ ଯୁଦ୍ଧରେ ହୁଜୁର ସ.ଅଙ୍କ ସହିତ ସାମିଲ୍ ହୋଇଥିଲେ ଏବଂ 40 ବର୍ଷରୁ ଉର୍ଦ୍ଧ୍ୱ ଆୟୁଷ ପ୍ରାପ୍ତ କରି ୟମାମା ଯୁଦ୍ଧରେ ଶାହାଦତ୍ (ବୀରଗତି) ପ୍ରାପ୍ତ କିରଥିଲେ। **(ଶରହୁଜ୍ ଜର୍କାନୀ ଅଲଲ୍ ମୱାହିବିଲ୍ ଲୁଦ୍‌ନିୟାହ୍, ଭାଗ-5, ପୃ-21, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ଉସ୍‌ଦୁଲ୍ ଗାବା, ଭାଗ-2, ପୃ-611, ଭାଗ-4, ପୃ-59, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ଉକ୍ତ ସରୀୟାର ସବିଶେଷ ବିବରଣୀ ଏହିପରି ବର୍ଣ୍ଣିତ ହୋଇଛି ଯେ, ରସୁଲୁଲ୍ଲାଃ ସ.ଅଙ୍କୁ ଅହରହ ସୂଚନା ପ୍ରାପ୍ତ ହେଉଥିଲା ଯେ, ସିଈୟୀର ଅଞ୍ଚଳରୁ ବନୁ ହୱାଜିନ୍ ସଂପ୍ରଦାୟ ଇସ୍‌ଲାମ୍ ଧର୍ମର ଶତ୍ରୁମାନଙ୍କୁ ସାହାଯ୍ୟ କରୁଛନ୍ତି ଏବଂ ମୁସଲମାନମାନଙ୍କ ମିତ୍ର ସଂପ୍ରଦାୟର ସଦସ୍ୟଙ୍କୁ ଲୁଟି ଜଙ୍ଗଲରେ ଲୁଚିଛନ୍ତି ।

ରବିଉଲ୍ ଅୱଲ୍ ମାସ ସନ୍ 8 ହିଜ୍ରୀରେ ହୁଜୁର୍ ସ.ଅ ହ. ଶୁଯାଅ ର.ଅଙ୍କୁ 24 ଜଣ ଜିହାଦ୍‌କାରୀ ଦେଇ ବନୁ ହୱାଜିନ୍ ସଂପ୍ରଦାୟକୁ ପ୍ରତିହତି କରିବା ନିମନ୍ତେ ନିୟୋଜିତ କରିଥିଲେ । ସେମାନଙ୍କୁ ବନୁ ଆମିର୍ ମଧ କୁହା ଯାଉଥିଲା । ହ. ଶୁଯାଅ ର.ଅ ମୁଜାହିଦ୍ଦୀନ୍‌ମାନଙ୍କ ସହିତ ରାତ୍ର ସମୟରେ ଯାତ୍ରା କରୁଥିଲେ ଏବଂ ଦିନ ବେଳା ଲୁଚି ରହୁଥିଲେ । ଏପର୍ଯ୍ୟନ୍ତକି ସହସା ସକାଳ ସମୟରେ ବନୁ ଆମିରର ଉପର ମୁଣ୍ଡରେ ଯାଇ ପହଞ୍ଚିଗଲେ ଏବଂ ସେମାନଙ୍କ ଉପରେ ଆକ୍ରମଣ କରିଦେଲେ । ହ. ଶୁଯାଆ ର.ଅ ନିଜର ମୁଜାହିଦ୍ଦୀନ୍‌ମାନଙ୍କୁ ଆଦେଶ ଦେଲେ ଯେ, ସେମାନେ ବନୁ ଆମିର୍ ସଂପ୍ରଦାର ଲୋକମାନଙ୍କର ପିଛା ଆଉ କରନ୍ତୁ ନାହିଁ । ସେମାନଙ୍କୁ ଅନେକ ଛେଳୀ ଏବଂ ଓଟ ପ୍ରାପ୍ତ ହେଲା । ସେହି ଜୀବମାନଙ୍କୁ ମୁଜାହିଦ୍ଦୀନ୍‌ମାନେ ଘଉଡ଼ାଇ ନିଜ ସାଙ୍ଗରେ ମଦିନା ନେଇ ଆସିଲେ ଓ ମାଲେ ଗନିମତ୍ ବାଣ୍ଟି ନେଲେ । ସେହି ମୁଜହିଦ୍ଦୀନ୍‌ମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତିର ଭାଗରେ 15ଟି ଲେଖାଏଁ ଓଟ ପଡ଼ିଲା। ଉକ୍ତ ସରୀୟାରେ 15 ଦିନ ସମୟ ଅତିବାହିତ ହୋଇଥିଲା । **(ଗଜ୍‌ୱାତ୍ ୱ ସରାୟା, ଲେଖକ-ମୁହମ୍ମଦ୍ ଅଜ୍‌ହର୍ ଫରିଦ୍ ଶାହ୍, ପୃ-415, ଫରିଦ୍ ପବ୍ଲିଶର୍ସ, ସାହିୱାଲ୍) (ଅସ୍‌ସିରତୁଲ୍ ହଲବିୟାହ୍, ଭାଗ-3, ପୃ-267, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଆଉ ଏକ ସରୀୟାର ଚର୍ଚ୍ଚା ରହିଛି ଯାହାର ନାମ ହେଲା ସରୀୟା ହ. କାଆବ୍ ବିନ୍ ଉମୈର୍ ଜାତେ ଅତ୍‌ଲାହ୍ ଆଡକୁ । ଏହି ସରୀୟା 8 ରବିଲ୍ ଅୱଲ୍ 8 ହିଜ୍ରୀରେ ହୋଇଥିଲା । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-06 ପୃ-143, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ରସୁଲୁଲ୍ଲାଃ ସ.ଅ ହ. କାଆବ୍ ବିନ୍ ଉମୈର୍ ଗିଫ୍ଫାରୀ ର.ଅଙ୍କୁ ଜାତେ ଅତ୍‌ଲାହ୍ ଅଭିମୁଖେ (ଆଡ଼କୁ) ପ୍ରେରଣ (ପଠାଇଲେ) କଲେ । ଜାତେ ଅତ୍‌ଲାହ୍ ସିରୀୟାର ୱାଦିଉଲ୍ କୁରାର ପଛ ଭାଗରେ ଅବସ୍ଥିତ ଥିଲା । ଏହା ମଦିନା ଠାରୁ 600 ମାଇଲା ଦୂରତାରେ ଅବସ୍ଥିତ ଥିଲା ।

ହ. କାଆବ୍ ର.ଅଙ୍କ ସହିତ 15 ଜଣ ସାହାବାମାନେ ଥିଲେ । ରସୁଲୁଲ୍ଲାଃ ସ.ଅଙ୍କୁ ଏହା ସୂଚନା ମିଳିଥିଲା ଯେ, ବନୁ କୁଜାଅ ସଂପ୍ରଦାୟ ୱାଦିଉଲ୍ କୁରା ଠାରୁ ଆଗକୁ ଜାତେ ଅତ୍‌ଲାହ୍ ଠାରେ ମୁସଲମାନମାନଙ୍କ ଉପରେ ଆକ୍ରମଣ କରିବା ନିମନ୍ତେ ବିଶାଳ ସୈନ୍ୟବାହିନୀ ପ୍ରସ୍ତୁତ କରି ସୈନ୍ୟବାହିନୀ ଧାଡ଼ି କରି ବା ଆରମ୍ଭ କରିଦେଇଛନ୍ତି । **(ଗଜ୍‌ୱା ମୁଉତା ୱସ୍ ସରାୟା ୱଲ୍ ଅବୁସା, ଲେଖକ- ବରିକ୍ ବିନ୍ ମୁହମ୍ମଦ୍, ପୃ-219) (ଗଜ୍‌ୱା ମୁଉତା, ଲେଖକ-ବାଶ୍‌ମିଲ୍, ପୃ-325, ନଫିସ୍ ଏକାଡ଼େମୀ, କରାଚୀ) (ଗଜୱାତ୍ ୱ ସରାୟା, ଲେଖକ-ମୁହମ୍ମଦ୍ ଅଜ୍‌ହର୍ ଫରିଦ୍ ଶାହ୍, ପୃ-416, ଫରିଦ୍ ପବ୍ଲିଶର୍ସ, ସାହିୱାଲ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଜାତେ ଅତ୍‌ଲାହ୍ ଠାରେ ପହଞ୍ଚି ହ. କାଆବ ର.ଅ ଶତ୍ରୁର ବିଶାଳ ସୈନ୍ୟବାହିନୀ ଦେଖିବାକୁ ପାଇଲେ । ପରିଣାମ ଏହା ହେଲା ଯେ, ହ. କାଆବ୍ ର.ଅ ବାହାରି ଯେତେବେଳେ ଜାତେ ଅତ୍‌ଲାହ୍ ନିକଟରେ ପହଞ୍ଚିଲେ ସେତେବେଳେ ଶତ୍ରୁ ପକ୍ଷର ଜଣେ ଗୁଇନ୍ଦା ଗୁପ୍ତଚର ତାଙ୍କୁ ଦେଖି ପକାଇଲା ଓ ସେ ତୁରନ୍ତ ଯାଇ ନିଜର ଲୋକମାନଙ୍କୁ ମୁସଲମାନମାନଙ୍କର ଆଗମନ ସଂପର୍କରେ ସୂଚନା ପ୍ରଦାନ କରିଦେଲା ।

ସେହି ଶତ୍ରୁ ପକ୍ଷ ପ୍ରସ୍ତୁତି ଆରମ୍ଭ କରିନେଲା ଏବଂ ବିଶାଳ ସୈନ୍ୟବାହିନୀ ପ୍ରସ୍ତୁତ କରିନେଲା । ସାହାବାମନେ ସେହି ଲୋକମାନଙ୍କୁ ଇସ୍‌ଲାମ୍ ଧର୍ମ ଆଡ଼କୁ ଆମନ୍ତ୍ରିତ କଲେ । କିନ୍ତୁ ସେମାନେ ଏହି ଆମନ୍ତ୍ରଣକୁ ସେମାନେ ଅସ୍ୱୀକାର କରିଦେଲେ ଓ ସେମାନେ ସାହାବାମାନଙ୍କ ଉପରେ ତୀର ଚଳାଇବାକୁ ଲାଗିଲେ । ରସୁଲୁଲ୍ଲାଃ ସ.ଅଙ୍କ ସାହାବାମାନେ ସେହି ଶତ୍ରୁମାନଙ୍କର ଆଚରଣ ଏବଂ ସେମାନଙ୍କର ଗତିବିଧିକୁ ଯେତେବେଳେ ଦେଖିଲେ ସେତେବେଳେ ସାହାବାମାନେ ସେମାନଙ୍କ ସହିତ ବୀରତ୍ୱର ସହିତ ଯୁଦ୍ଧ କଲେ । ଏପର୍ଯ୍ୟନ୍ତକି ଲଢୁ ଲଢୁ ସମସ୍ତ ସାହାବାମାନେ ଶହୀଦ୍ ହୋଇଗଲେ । ସେହି ଶହୀଦ୍ ହୋଇଥିବା ସାହାବାମାନଙ୍କ ମଧ୍ୟରୁ ଜଣେ ସାହାବି ଆହତାବସ୍ଥାରେ ଥିଲେ । ସେହି ସାହାବି ଜଣକ ସେଠାରୁ ବର୍ତ୍ତି ଖସି ଆସିଲେ। ସେହିପରି ଅନ୍ୟ ଏକ ବର୍ଣ୍ଣନାନୁଯାୟୀ ସେହି ସାହାବି ଜଣକ ସ୍ୱୟଂ ହ. କାଆବ୍ ବିନ୍ ଉମୈର୍ ର.ଅ ଥିଲେ । **(ଅସ୍‌ସିରତୁଲ୍ ହଲବିୟାହ୍, ଭାଗ-3, ପୃ-267, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)(ଗଜ୍‌ୱାତ୍ ୱ ସରାୟା, ଲେଖକ-ମୁହମ୍ମଦ୍ ଅଜ୍‌ହର୍ ଫରିଦ୍ ଶାହ୍, ପୃ-416, ଫରିଦ୍ ପବ୍ଲିଶର୍ସ, ସାହିୱାଲ୍)(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-06, ପୃ-143, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍, ଲେବନାନ୍, 1993 ମସିହା)**

ହୁଜୁର ଅ୍‌ନୱର୍ ଅ.ବ କହିଲେ, ସେ ଯାହା ହେଉ ଏହା ଉଲ୍ଲେଖ ରହିଛି ଯେ, ଯେତେବେଳେ ରାତି ଟିକିଏ ଥଣ୍ଡା ହୋଇଗଲା ସେତେବେଳେ ସେ ଅର୍ଥାତ୍ କାଆବ୍ ବିନ୍ ଉମୈର୍ ର.ଅ ଆରୋହଣ ହୋଇ ରସୁଲୁଲ୍ଲାଃ ସ.ଅଙ୍କ ନିକଟରେ ପହଞ୍ଚିଗଲେ ଏବଂ ଆପଣ ସ.ଅଙ୍କୁ ଉକ୍ତ ଘଟଣାର ସୂଚନା ପ୍ରଦାନ କଲେ । ଉକ୍ତ ସୂଚନା ପ୍ରାପ୍ତ ହେବା ପରେ ଆପଣ ସ.ଅ ଅସନ୍ତୋଷ ବ୍ୟକ୍ତ କଲେ । **(କିତାବୁଲ୍ ମୁଗାଜି ଲିଲ୍‌ୱାଦିକି, ଭାଗ-2, ପୃ-202, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ଆଁହଜରତ ସ.ଅ ସେହି ମୁହୂର୍ତ୍ତରେ ସେମାନଙ୍କ ଆଡ଼କୁ ଏକ ସୈନ୍ୟବାହିନୀ ପ୍ରେରଣ କରିବା ନିମନ୍ତେ ମନସ୍ଥ କଲେ । କିନ୍ତୁ ଆପଣ ସ.ଅଙ୍କୁ ଯେତେବେଳେ ଜ୍ଞାତ ହେଲା କି ସେହି ଲୋକମାନେ ସେଠାରୁ ହଟି ଅନ୍ୟତ୍ର ଚାଲି ଯାଇଛନ୍ତି । ସେଇଥି ପାଇଁ ଆପଣ ସ.ଅ ଉକ୍ତ ଉଦ୍ଦେଶ୍ୟକୁ ମୁଲତବୀ କରିଦେଲେ । **(ଅସ୍‌ସିରତୁଲ୍ ହଲବିୟାହ୍, ଭାଗ-3, ପୃ-267, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ଆଉ ଏକ ଯୁଦ୍ଧ ହେଲା ଗଜ୍‌ୱା ମୁଉତା ଯୁଦ୍ଧ । ଏହି ଯୁଦ୍ଧ ଜୁମାଦିଉଲ୍ ଉଲା, 8 ହିଜ୍ରୀରେ କିମ୍ବା ସେପ୍ଟେମ୍ବର ମାସ 629ରେ ହୋଇଥିଲା । ମୁଉତା ସିରୀୟର ସୀମା ଠାରେ ବଲ୍‌କାଆ ଭୂମି ଉପରେ ଅବସ୍ଥିତ ଏକ ବସ୍ତି ଅଟେ । ଏହା ମଦିନା ଠାରୁ ପ୍ରାୟ 600 ମାଇଲ୍ ଦୂରତାରେ ଅବସ୍ଥିତ ଥିଲା । ଉକ୍ତ ଯୁଦ୍ଧକୁ ଗଜ୍‌ୱା ଜୈଶୁଲ୍ ଉମରା ମଧ କୁହାଯାଏ । କାରଣ ଆଁହଜରତ ସ.ଅ ସେହି ସୈନ୍ୟବାହିନୀ ବାହାରିବା ପୂର୍ବରୁ ସେହି ସୈନ୍ୟବାହିନୀର ଏକାଧିକ ଅମୀର୍ (ସେନାପତି) ନିଯୁକ୍ତ କରିଥିଲେ । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ୍ ଏମ୍.ଏ ର.ଅ, ପୃ-838) (ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ପୃ-740, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ଗଜ୍‌ୱା ମୁଉତା, ଲେଖକ-ବାଶ୍‌ମିଲ୍, ପୃ-325, ନଫିସ୍ ଏକାଡ଼େମୀ, କରାଚୀ) (ଅନାରତୁଦ୍ ଦୁଜା ଫି ମୁଗାଜି, ଖୈରୁଲ୍ ୱରା, ଲେଖକ- ହସନ୍ ବିନ୍ ମୁହମ୍ମଦ୍ ଅଲ ମଶାତିତ୍, ପୃ-558, ଦାରୁଲ୍ ମିନ୍‌ହାଜ୍ ଲିନ୍ ନଶ୍ରି ୱତ୍‌ତୱାଜିଉ)**

ଉକ୍ତ ଯୁଦ୍ଧର କାରଣ ସଂପର୍କରେ ଉଲ୍ଲେଖ ରହିଛି ଯେ, ରସୁଲୁଲ୍ଲାଃ ସ.ଅ ହ. ହାରିସ୍ ବିନ୍ ଉମୈର୍ ର.ଅଙ୍କୁ ସନ୍ଦେଶବାହକ କରି ବୁସ୍ରାର ଶାସକ ଆଡ଼କୁ ପତ୍ର ଦେଇ ପ୍ରେରଣ କଲେ । ସେ ଯେତେବେଳେ ମୁଉତା ନାମକ ସ୍ଥାନରେ ପହଞ୍ଚିଲେ ସେତେବେଳେ ଶୁରାହବିଇଲ୍ ବିନ୍ ଅମର୍ ଗସ୍ସାନୀ ତାଙ୍କ ନିକଟକୁ ଆସିଲା ଏବଂ ପଚାରିଲା ଯେ, କୁଆଡ଼େ ଯାଉଛ ? ହାରିସ୍ ବିନ୍ ଉମୈର୍ ଶୁରାହବିଇଲ୍ ବିନ୍ ଅମର୍ ଗସ୍ସାନୀକୁ ଉତ୍ତର ଦେଲେ ଯେ, ମୁଁ ସିରୀୟା ଯାଉଛି । ଶୁରହବିଇଲ୍ ପଚାରିଲା ଯେ, ତୁମେ ମୁହମ୍ମଦ ରସୁଲୁଲ୍ଲାଃ ସ.ଅଙ୍କ ସନ୍ଦେଶବାହକ ତ' ନୁହଁ ? ହ. ହାରିସ୍ ବିନ୍

## ଅଲ୍ଲାଃତାଲାଙ୍କ ବାଣୀ

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।**

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

## ଅଲ୍ଲାଃତାଲାଙ୍କ ବାଣୀ

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"

(ଆଲେ ଇମ୍ରାନ୍ :93)

**ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।**

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ଉମୈର୍ ର.ଅ ଉତ୍ତର ଦେଲେ, ହଁ ମୁଁ ରସୁଲୁଲ୍ଲାଃ ସ.ଅଙ୍କ ସନ୍ଦେଶବାହକ ଅଟେ । ଶୁରାହବିଇଲ୍ ତାଙ୍କୁ ଶହୀଦ୍ କରିଦେଲା । ରସୁଲୁଲ୍ଲାଃ ସ.ଅଙ୍କୁ ଯେତେବେଳେ ଉକ୍ତ କଥାର ସୂଚନା ମିଳିଲା ସେତେବେଳେ ଆପଣ ଉକ୍ତ କଥାକୁ ସହ୍ୟ କରି ପାରିଲେ ନାହିଁ । ସହ୍ୟ କରିବା ଆପଣ ସ.ଅଙ୍କ ପକ୍ଷେ ଅତ୍ୟନ୍ତ କଷ୍ଟକର ହୋଇ ପଡ଼ିଲା । ଆପଣ ସ.ଅ ନିଜର ସାହାବାମାନଙ୍କୁ ଡ଼କାଇଲେ ଏବଂ ସେମାନଙ୍କୁ ହ. ହାରିସ୍ ବିନ୍ ଉମୈର୍ ର.ଅଙ୍କ ଶାହାଦତ୍ ତଥା ହାରିସ୍ ର.ଅଙ୍କୁ ଶହୀଦ୍ କରିଥିବା ଲୋକମାନଙ୍କ ସଂପର୍କରେ କହିଲେ । ଏହି କାରଣରୁ ମୁଉତା ଯୁଦ୍ଧ ହେଲା । **(ଅତ୍‌ତବ୍‌କାତୁଲ୍ କୁବ୍ରା ଲିଇବ୍‌ନି ସାଆଦ୍, ଭାଗ-4, ପୃ-255, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ)**

ହ. ମୁସ୍‌ଲେହ୍ ମଉଦ୍ ର.ଅ ସେହି ଯୁଦ୍ଧର କାରଣ ଏବଂ ପୃଷ୍ଠଭୂମି ସଂପର୍କରେ ବର୍ଣ୍ଣନା କରି ଉଲ୍ଲେଖ କରନ୍ତି ଯେ, "ଆପଣ ସ.ଅ ଯେତେବେଳେ କାଆବ୍ ଦର୍ଶନ କରି ଫେରିଲେ ସେତେବେଳେ ଆପଣ ସ.ଅଙ୍କୁ ଏହି ସୂଚନା ମିଳିବା ଆରମ୍ଭ ହୋଇଗଲା ଯେ, ସିରୀୟର ସୀମାରେ ଖ୍ରୀଷ୍ଟ ଧର୍ମାବଲମ୍ବୀ, ଆରବ୍ୟ ସଂପ୍ରଦାୟ ଓ ଇହୁଦୀମାନେ ଏବଂ ଅବିଶ୍ୱାସକାରୀମାନଙ୍କର ପ୍ରରୋଚନାରେ ମଦିନା ଉପରେ ଆକ୍ରମଣ କରିବା ନିମନ୍ତେ ପ୍ରସ୍ତୁତି ଚଳାଇଛନ୍ତି । ତେଣୁ ଆପଣ ସ.ଅ 15 ଜଣ ସଦସ୍ୟ ବିଶିଷ୍ଟ ଏକ ସୈନ୍ୟବାହିନୀ ଏହି ଉଦ୍ଦେଶ୍ୟ ନିମନ୍ତେ ସିରୀୟାର ସୀମା ଅଭିମୁଖେ ପ୍ରେରଣ କଲେ । କାରଣ ଏହି ସୈନ୍ୟଦଳ ଯାଇ ତଦନ୍ତ କରୁ କି ଏହି ଗୁଜବ କେତେଦୂର ପର୍ଯ୍ୟନ୍ତ ସଠିକ୍ ଅଟେ । ଯେତେବେଳେ ଏହି ଲୋକମାନେ ସରୀୟାର ସୀମା ଠାରେ ପହଞ୍ଚିଲେ ସେତେବେଳେ ସେମାନେ ଦେଖିଲେ ଯେ, ଏକ ସୈନ୍ୟବାହିନୀ ଏକତ୍ରିତ ହେଉଅଛି। ତେଣୁ ଏହି ସୈନ୍ୟବାହିନୀ ଫେରି ଆସି ଆଁହଜରତ ସ.ଅଙ୍କୁ ସୂଚନା ପ୍ରଦାନ କରି ଥାଆନ୍ତେ । ସେମାନେ ଅତ୍ୟନ୍ତ ସାହସିକତାର ସହିତ ଆଗକୁ ଅଗ୍ରସର ହୋଇ ସେହି ଲୋକମାନଙ୍କୁ ଇସ୍‌ଲାମ୍ ଧର୍ମ ଆଡ଼କୁ ଆମନ୍ତ୍ରିତ କରିବାକୁ ଆରମ୍ଭ କରିଦେଲ । ଯେଉଁ ଲୋକମାନେ ଶତ୍ରୁମାନଙ୍କ ପ୍ରରୋଚନାରେ ପଡ଼ି ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅଙ୍କ ମାତୃଭୂମି ଉପରେ ଆକ୍ରମଣ କରି ତାହାକୁ ଜୟ କରିବାକୁ ଚାହୁଁଥିଲେ ସେ ସେହି ଲୋକମାନଙ୍କର ଏକେଶ୍ୱରବାଦର ଶିକ୍ଷାରୁ କେଉଁଠି ବା ପ୍ରଭାବିତ ହୋଇପାରି ଥାଆନ୍ତେ । ସେମାନଙ୍କ ଉପରେ ତବ୍‌ଲିଗ୍‌ର କୌଣସି ପ୍ରଭାବ ପଡ଼ିଲା ନାହିଁ । ଅତଏବ୍ ଏବି 15 ଜଣିଆ ବିଶିଷ୍ଟ ସୈବ୍ୟବାହିନୀ ସାହାବାମାନେ ଯେମିତି ସେହି ଲୋକମାନଙ୍କୁ ଇସ୍‌ଲାମ୍ ଧର୍ମର ଶିକ୍ଷା ସଂପର୍କରେ ଶୁଣାଇଲେ ସେହି ମୁହୂର୍ତ୍ତରେ ଚତୁଃର୍ପାର୍ଶ୍ୱରୁ ଶତ୍ରୁ ପକ୍ଷର ସିପାହୀମାନେ ନିଜର ତୀର କମାଣ ସମ୍ଭାଳି ନେଲେ ଏବଂ ସେମାନଙ୍କର ଉପରେ ତୀର ବର୍ଷଣ କରିବା ଆରମ୍ଭ କରିଦେଲେ । ମୁସଲମାନମାନେ ଯେତେବେଳେ ଏହା ଦେଖିଲେ ଏହି ଲୋକମାନେ ଆମ ତବ୍‌ଲିଗ୍‌ର ଉତ୍ତର ସପ୍ରମାଣ ଉପସ୍ଥାପିତ କରିବା ପରବିବର୍ତ୍ତେ ତୀର ଫିଙ୍ଗୁଛନ୍ତି (ତୀର ମାରୁଛନ୍ତି) । ଏହି ସୈନ୍ୟବାହିନୀ ବା ସାହାବାମାନେ ସେଠାରୁ ପଳାୟନ କଲେ ନାହିଁ ଏବଂ ଏହି ଶତାଧିକ ତଥା ସହସ୍ର ଲୋକମାନଙ୍କ ବିପକ୍ଷରେ ଦୃଢ ନିଶ୍ଚଳ ହୋଇ ଛିଡ଼ା ହୋଇଗଲେ ଏବଂ ସମସ୍ତେ ସେହିଠାରେ ହିଁ ବୀରଗତି ପ୍ରାପ୍ତ କଲେ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଜି ଏହି ନାମକୁ ମାତ୍ର ଥିବା ମୁସଲମାନମାନେ ଅହେମଦିମାନଙ୍କ ସହିତ ମଧ୍ୟ ଏହିପରି ଆଚରଣ ପ୍ରଦର୍ଶନ କରୁଛନ୍ତି । ରସୁଲୁଲ୍ଲାଃ ସ.ଅ ଚାହିଁଲେ କି ଯେଉଁମାନେ ଏଭଳି ଅତ୍ୟାଚାରମୂଳକ ଓ ଅମାନୁଷିକ କୃତ୍ୟ କରିଛନ୍ତି ସେହି ଲୋକମାନଙ୍କ ନିମନ୍ତେ ଆଉ ଏକ ସୈନ୍ୟବାହିନୀ ପ୍ରେରଣ କରି ସେମାନଙ୍କୁ ଦଣ୍ଡିତ କରାଯାଉ । ଠିକ୍ ସେତିକିବେଳେ ଆପଣ ସ.ଅଙ୍କୁ ଏହି ସୂଚନା ପ୍ରାପ୍ତ ହେଲା ଯେ, ସେହି ସୈନ୍ୟବାହିନୀ ଯେକି ସେଠାରେ ଏକତ୍ରିତ ହେଉଥିଲା ସେ ବିକ୍ଷିପ୍ତ ହୋଇଗଲା । ଆପଣ ସ.ଅ କିଛି କାଳ ପାଇଁ ଉକ୍ତ ଉଦ୍ଦେଶ୍ୟକୁ ମୁଲତବୀ କରିଦେଲେ। ରସୁଲୁଲ୍ଲାଃ ସ.ଅ ଇତି ମଧ୍ୟରେ ଗସ୍ସାନ୍ ସଂପ୍ରଦାୟର ଅଧିପତି ଯେକି ରୋମୀୟ ରାଷ୍ଟ୍ର ପକ୍ଷରୁ ବସ୍ରାହ୍‌ର ଶାସକ ଥିଲା ଅବା କୈସ୍‌ରେ ରୋମା (ରୋମ୍ ସମ୍ରାଟ୍)ଙ୍କୁ ପତ୍ର ଲେଖିଲେ । ସମ୍ଭବତଃ ଉକ୍ତ ପତ୍ରରେ ଉପରୋକ୍ତରେ ଚର୍ଚ୍ଚିତ ଘଟଣାର ଅଭିଯୋଗ ହୋଇଥିବ ଯେ, ସିରୀୟାର କେତେକ ସଂପ୍ରଦାୟ ଇସ୍‌ଲାମୀୟ ଅଞ୍ଚଳ ଉପରେ ଆକ୍ରମଣ କରିବା ନିମନ୍ତେ ପ୍ରସ୍ତୁତି ଚଳାଇଛନ୍ତି ଏବଂ ଏହା ସେମାନେ ଅକାରଣରେ 15 ଜଣ ମୁସଲମାନମାନଙ୍କୁ ଶହୀଦ୍ କରିଦେଇଛନ୍ତି । ଉକ୍ତ ପତ୍ର ଅଲ୍‌ହାରିସ୍ ନାମକ ଜନୈକ ସାହାବିଙ୍କ ହାତରେ ପ୍ରେରଣ କରାଯାଇଥିଲା । ସେ (ଅଲ୍ ହାରିସ୍) ସିରୀୟା ଅଭିମୁଖେ ଗମନ କଲାବେଳେ ମୁଉତା ନମାକ ଏକ ସ୍ଥାନରେ ଅବସ୍ଥାନ କଲେ । ସେଠାରେ ଗସ୍ସାନ୍ ସଂପ୍ରଦାୟର ଏକ ଅଧିପତି ସର୍ଜିଲ୍ ସହିତ ସାକ୍ଷାତ୍ କଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ମୋ ବିଚାରରେ ଏହା ଲିଖନଗତ ତ୍ରୁଟି ଅଟେ । ପ୍ରକୃତ ନାମ ଶୁରହ୍‌ବିଇଲ୍ ଅଟେ । ଶୁରହ୍‌ବିଇଲ୍ ଅଲ୍ ହାରିସ୍ ର.ଅଙ୍କୁ ପଚାରିଲେ ହେ ହାରିସ୍ ! ତୁମେ କେଉଁଅଡ଼େ ଯାଉଛ ? ସମ୍ଭବତଃ ତୁମେ ରସୁଲୁଲ୍ଲାଃ ସ.ଅଙ୍କ ସନ୍ଦେଶବାହକ ଅଟ ? ସେ କହିଲେ, ହଁ । ଉକ୍ତ କଥା ଶୁଣିବା ପରେ ତାଙ୍କୁ ଗିରଫ କରିନିଆଗଲା ଏବଂ ତାଙ୍କୁ ଦଉଡ଼ି ସାହାଯ୍ୟରେ ବାନ୍ଧି କରି ଅତ୍ୟନ୍ତ ନୃଶଂସନୀୟ ଭାବରେ ତାଙ୍କୁ ମାରିଦେଲେ । ଅର୍ଥାତ୍ ଇତିହାସରେ ଏହାର ବ୍ୟାଖ୍ୟା ମିଳେ ନାହିଁ । କିନ୍ତୁ ଉକ୍ତ ଘଟଣା ଏହା ସୂଚାଏ ଯେ, ଯେଉଁ ସୈନ୍ୟବାହିନୀ 15 ଜଣ ସାହାବିମାନଙ୍କୁ ମାରିଥିଲା ଏହି ବ୍ୟକ୍ତି (ଶୁରହ୍‌ବିଇଲ୍) ସେହି ସୈନ୍ୟବାହିନୀର ନେତାମାନଙ୍କ ମଧ୍ୟରୁ ଅନ୍ୟତମ ହୋଇଥିବ । ସୁତରାଂ ତା'ର ଏହି ପ୍ରଶ୍ନ ପଚାରିବା କି ସମ୍ଭବତଃ ଏହା ସୂଚାଏ ଯେ, "ତୁମେ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅଙ୍କ ସନ୍ଦେଶବାହକଙ୍କ ମଧ୍ୟରୁ ଅନ୍ୟତମ ସନ୍ଦେଶବାହକ ଅଟ । ତା' ମନରେ ଭୟ ଜାତ ହେଲା ଯେ, ମୁହମ୍ମଦ ରସୁଲୁଲ୍ଲାଃ ସ.ଅ କୈସର୍ ନିକଟରେ ଯାଇ ଅଭିଯୋଗ କରିବେ କି ତୁମ ଅଞ୍ଚଳର ଲୋକମାନେ ଆମ ଅଞ୍ଚଳର ଲୋକମାନଙ୍କ ଉପରେ ଆକ୍ରମଣ କରୁଛନ୍ତି । ତେଣୁ ଶୁରହ୍‌ବିଇଲ୍ ଡରୁଥିବ ଯେ, ସମ୍ଭବତଃ ସମ୍ରାଟ୍ ଏହି କାରଣରୁ ଆମକୁ ନପଚାରନ୍ତୁ । ଅତଏବ୍ ସେ ନିଜର କୁଶଳତା ତହିଁରେ ମନେକଲା ଯେ, ସନ୍ଦେଶବାହକକୁ ମାରିଦିଆଯାଉ । କାରଣ ସମ୍ରାଟ୍ ପକ୍ଷରୁ ନା କୌଣସି ସନ୍ଦେଶ ପହଞ୍ଚିବ ଓ ନା ହିଁ କୌଣସି ତଦନ୍ତ ହେବ । କିନ୍ତୁ ଅଲ୍ଲାଃତାଲା ତା'ର ମନ୍ଦ ଉଦ୍ଦେଶ୍ୟକୁ ସାକାର ହେବାକୁ ଦେଲେ ନାହିଁ । ହାରିସ୍ ର.ଅଙ୍କ ଶହୀଦ୍ ହେବାର ସୂଚନା କୌଣସି ମତେ ଆଁହଜରତ ସ.ଅଙ୍କୁ ମିଳିଗଲା । ଆପଣ ସ.ଅ ଉକ୍ତ ଶାହାଦତ୍‌ର ପ୍ରତିଶୋଧ ନେବା ଏବଂ ଶତ୍ରୁକୁ ଶାସ୍ତି ଦେବା ନିମନ୍ତେ 3000 ସୈନ୍ୟବାହିନୀ ପ୍ରସ୍ତୁତ କରୁ ଜୈଦ୍ ବିନ୍ ହର୍‌ସା ର.ଅ (ଯେକି ଆପଣ ସ.ଅଙ୍କ ସ୍ୱାଧୀନ ପ୍ରାପ୍ତ ଦାସ ଥିଲେ)ଙ୍କ ନେତୃତ୍ୱରେ ସିରୀୟା ଅଭିମୁଖେ ପ୍ରେରଣ କରିଦେଲେ ।"

**(ଦିବାଚା ତଫ୍‌ସିରୁଲ୍ କୁରଆନ୍, ଅନ୍‌ୱାରୁଲ୍ ଉଲୁମ୍, ଭାଗ-20, ପୃ-331-333)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଇତ୍ୟବସରରେ ଆଁହଜରତ ସ.ଅଙ୍କ ସୈନ୍ୟବାହିନୀର ସେନାପତିର ଚର୍ଚ୍ଚା ମଧ୍ୟ ମିଳେ । ରସୁଲୁଲ୍ଲାଃ ସ.ଅ ହ. ଜୈଦ୍ ବିନ୍ ହାର୍‌ସା ର.ଅଙ୍କୁ 3000 ସୈନ୍ୟବାହିନୀ ଉପରେ ସେନାପତି ରୂପେ ନିଯୁକ୍ତ କଲେ ଏବଂ କହିଲେ, ଯଦି ହ. ଜୈଦ୍ ଶହୀଦ୍ ହୋଇଯାଆନ୍ତି ତେବେ ହ. ଜାଫର୍ ବିନ୍ ଅବୁ ତାଲିବ୍ ର.ଅ ଅମୀର୍ ହେବେ ଏବଂ ଯଦି ହ. ଜାଫର୍ ବିନ୍ ଅବୁ ତାଲିବ୍ ର.ଅ ଶହୀଦ୍ ହୋଇଯାଆନ୍ତି ତେବେ ହ. ଅବ୍ଦୁଲ୍ଲାଃ ବିନ୍ ରୱାହା ର.ଅ ଅମୀର୍ (ସେନାପତି) ହେବେ । ଯଦି ହ. ଅବ୍ଦୁଲ୍ଲାଃ ବିନ୍ ରୱାହା ର.ଅ ମଧ୍ୟ ଶହୀଦ୍ ହୋଇ ଯାଆନ୍ତି ତେବେ ମୁସଲମାନମାନେ ଯାହାକୁ ଚାହିଁବେ ତାହାକୁ ନିଜର ସେନାପତି ରୂପେ ନିଯୁକ୍ତ କରି ପାରିବେ ବା ନିଜର ସେନାପତି ରୂପେ ବରଣ କରିପାରିବେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ନୁମାନ୍ ନାମକ ଜନୈକ (ଜଣେ) ଇହୁଦୀ ସେଠାରେ ଉପସ୍ଥିତ ଥିଲା । ସେ କହିଲା, ହେ ଅବୁଲ୍ କାସିମ୍ ! (ଇହୁଦୀମାନେ ଆଁହଜରତ ସ.ଅଙ୍କୁ ଏହି ନାମରେ ସମ୍ବୋଧନ କରୁଥିଲେ ଅର୍ଥାତ୍ ଡାକୁଥିଲେ) ସ.ଅ। ଯଦି ଆପଣ ସ.ଅ ନବୀ (ଅବତାର) ଅଟନ୍ତି ତେବେ ଆପଣ ସ.ଅ ଯେଉଁ ଯେଉଁ ଲୋକମାନଙ୍କର ନାମୋଚ୍ଚାରଣ କରିଛନ୍ତି । ସେମାନେ ପଛେ ସ୍ୱଳ୍ପ ସଂଖ୍ୟକୁ ହୁଅନ୍ତୁ ଅବା ଅଧିକ ସଂଖ୍ୟକ ହୁଅନ୍ତୁ, ସେମାନେ ସମସ୍ତେ ଶହୀଦ୍ (ବୀରଗତି) ହୋଇଯିବେ। ନୁମାନ୍ ପୁନଶ୍ଚ କହିବାକୁ ଲାଗିଲା ଯେ, ବନି ଇସ୍ରାଇଲ୍‌ର ଅବତାରମାନେ ଯେତେବେଳେ କୌଣସି ବ୍ୟକ୍ତିକୁ ଜାତିର ସେନାପତି ରୂପେ ନିଯୁକ୍ତ କରୁଥିଲେ ଏବଂ କହୁଥିଲେ ଯେ, ଯଦି ଅମକ ସେନାପତି ମୃତ୍ୟୁବରଣ କଲା ତେବେ ଅମକ ବ୍ୟକ୍ତି ଅମୀର (ସେନାପତି) ହେବ । ସେହି ବନି ଇସ୍ରାଇଲ୍‌ର ଅବତାରମାନେ ଯଦି 100 ଜଣ ଲୋକଙ୍କ ଅର୍ଥାତ୍ ସେନାପତିଙ୍କର ନାମ ନେଉଥିଲେ ତେବେ ସେହି ସମସ୍ତ 100 ଜଣ ସେନାପତି ଅବଶ୍ୟ ନିହତ ହେଉଥିଲା । କାରଣ ନବୀଙ୍କ ବାଣୀ ସତ୍ୟ ଅଟେ । ପୁନଶ୍ଚ ସେହି ଇହୁଦୀ ବ୍ୟକ୍ତି ଜଣକ ହ. ଜୈଦ୍ ର.ଅଙ୍କୁ କହିଲା, ହେ ଜୈଦ୍ ! ତୁମେ ଓସିୟତ୍ କରିନିଅ । ଯଦି ମୁହମ୍ମଦ ସ.ଅ ସତ୍ୟାବତାର ଅଟନ୍ତି ତେବେ ତୁମେ ଆଉ ଯୁଦ୍ଧରୁ ଜୀବିତ ଫେରିବ ନାହିଁ । ହ. ଜୈଦ୍ ପ୍ରତ୍ୟୁତ୍ତରରେ କହିଲେ, ମୁଁ ସାକ୍ଷ୍ୟ ଦେଉଛି ଯେ, ଆପଣ ସ.ଅ ସତ୍ୟାବତାର ଓ ପବିତ୍ର ବାର୍ତ୍ତାବହ ଅଟନ୍ତି ।

ଆଁହଜରତ ସ.ଅ ଯେତେବେଳେ ସେନାପତି ନିଯୁକ୍ତ କରୁଥିଲେ ସେତେବେଳେ ଏହି ଘଟଣା ଘଟିଲା କି ହ. ଜାଫର୍ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋର ମାତାପିତା ଆପଣ ସ.ଅଙ୍କ ଉପରେ ଉତ୍ସର୍ଗ ହୋଇଯାଆନ୍ତୁ । ମୁଁ ଆଦୌ ଭାବି ନଥିଲି ଯେ, ଆପଣ ସ.ଅ ମୋ ଉପରେ ହ. ଜୈଦ୍ ର.ଅଙ୍କୁ ଅମୀର୍ ନିଯୁକ୍ତ କରିବେ । ମୋର ବଂଶ ତ' ସର୍ବୋଚ୍ଚ ଅଟେ । କିନ୍ତୁ ମୋତେ ଅମୀର୍ ନିଯୁକ୍ତ କଲେ ନାହିଁ । ଆଁହଜରତ ସ.ଅ ହ. ଜାଫର୍ ର.ଅଙ୍କୁ କହିଲେ, ହେ ଜାଫର୍ ! ତୁମେ ଯାଅ । ତୁମେ ଜାଣି ନାହିଁ ଯେ, ଭଲ କ'ଣ ? ଆଁହଜରତ ସ.ଅ ଏକ ଧଳା ରଙ୍ଗର ଧ୍ୱଜା ହ. ଜୈଦ୍ ର.ଅଙ୍କୁ

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

**ତାଲିବେ ଦୁଆ:** Mohammad Moin, S/o- Mohammad Majid,
Jamat Ahmadiya Karadapalli (Odisha)

## ନବୀ ସ.ଅଙ୍କ ବାଣୀ:-

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ୍ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଷିଣର ପରମ ଶତ୍ରୁ ।

**ତାଲିବେ ଦୁଆ:** Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

ଦେଲେ ଏବଂ ତାଙ୍କୁ ଉପଦେଶ ଦେଲେ ଯେ, ହେ ଜୈଦ୍ ! ତୁମେ ହ. ହାରିସ୍ ବିନ୍ ଉମୈର୍ ର.ଅଙ୍କ ଶାହାଦତ୍ ସ୍ଥାନରେ ପହଞ୍ଚି ଲୋକମାନଙ୍କୁ ଇସ୍‌ଲାମ୍ ଧର୍ମ ଆଡ଼କୁ ନିମନ୍ତ୍ରଣ ଦିଅ । ସେମାନେ ଯଦି ଇସ୍‌ଲାମ୍ ଧର୍ମ ସ୍ୱୀକାର କରି ନିଅନ୍ତି ତାହାହେଲେ ଭଲ କଥା ଅନ୍ୟଥା ସେମାନଙ୍କ ବିରୁଦ୍ଧରେ ଅଲ୍ଲାଃତାଲାଙ୍କ ଠାରୁ ସାହାଯ୍ୟ ଲୋଡ଼ି ସେମାନଙ୍କ ସହିତ ଯୁଦ୍ଧ କରନ୍ତୁ । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-6, ପୃ-145, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍) (ଶରହୁଜ୍ ଜର୍କାନୀ ଅଲଲ୍ ମୱାହିବିଲ୍ ଲୁଦ୍‌ନିୟାହ୍, ଭାଗ-3, ପୃ-340-342, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)(ସହି ବୁଖାରୀ, କିତାବୁଲ୍ ମୁଗାଜି, ବାବ୍-ବାଆସୁନ୍ ନବୀ ସ.ଅ, ଉସ୍ୱାମା.....ହଦିସ୍ ନଂ-4261)**

ରସୁଲୁଲ୍ଲାଃ ସ.ଅ ସେହି ଲୋକମାନଙ୍କୁ ବିଦାୟ ଜଣାଇଲେ ଏବଂ ସେମାନଙ୍କୁ ଓସିୟତ୍ ମଧ୍ୟ କଲେ । ଏଥି ସଂକ୍ରାନ୍ତରେ ସବିଶେଷ ବିବରଣୀ ଏହିପରି ରହିଛି ଯେ, ଲୋକମାନେ ପ୍ରସ୍ତୁତ ହୋଇ ଯୁଦ୍ଧ ନିମନ୍ତେ ବାହାରିଲେ ଏବଂ ମଦିନା ଠାରୁ ତିନି ମାଇଲ୍ ଦୂରତାରେ ଜୁରୁଫ୍ ନାମକ ସ୍ଥାନରେ ସମସ୍ତ ସୈନ୍ୟବାହିନୀ ଏକତ୍ରିତ ହେଲା । ରସୁଲୁଲ୍ଲାଃ ସ.ଅ ମଧ୍ୟ ସେମାନଙ୍କୁ ବିଦାୟ ଜଣାଇବା ପାଇଁ ସନିୟତୁଲ୍ ୱିଦା ନାମକ ସ୍ଥାନ ପର୍ଯ୍ୟନ୍ତ ସାଙ୍ଗରେ ଆସିଲେ । ରସୁଲୁଲ୍ଲାଃ ସ.ଅ ଯୁଦ୍ଧ ନିମନ୍ତେ ବାହାରିବା ପୂର୍ବରୁ ଇସ୍‌ଲାମୀୟ ସୈନ୍ୟବାହିନୀକୁ ପରାମର୍ଶ ଦେଇ କହିଲେ: "ହେ ଲୋକମାନେ (ସୈନ୍ୟବାହିନୀ) ! ମୁଁ ତୁମମାନଙ୍କୁ ଅଲ୍ଲାଃତାଲାଙ୍କ ଈଶ୍ୱରଭୀରୁତା ଅବଲମ୍ବନ କରିବା ଓ ନିଜ ସହିତ ଥିବା ମୁସଲମାନ ଭାଇମାନଙ୍କ ସହିତ ଉତ୍ତମ ବ୍ୟବହାର ଏବଂ ପୁଣ୍ୟ କରିବା ପ୍ରତି ଓସିୟତ୍ କରୁଛି । ଅଲ୍ଲାଃତାଲାଙ୍କ ନାମ ସହିତ ତୁମେମାନେ ଅବିଶ୍ୱାସକାରୀଙ୍କ ସହିତ ମୁକାବିଲା କର । ତୁମେମାନେ କାହାରିକୁ ଧୋକା ଦେବ ନାହିଁ, କାହାର ଅମାନତ୍‌କୁ ହଡ଼ପ କରିବ ନାହିଁ, କ୍ଷୀର ପାନ କରୁଥିବା ଶିଶୁର ହତ୍ୟା କରିବ ନାହିଁ, କୌଣସି ମହିଳାର ହତ୍ୟା କରିବ ନାହିଁ, କୌଣସି ବୟସ୍କ ବ୍ୟକ୍ତିର ସଂହାର କରିବ ନାହିଁ, ତୁମେମାନେ କୌଣସି ଖଜୁରୀ କୋଳି ବୃକ୍ଷକୁ କାଟିବ ନାହିଁ କି ଅନ୍ୟ କୌଣସି ବୃକ୍ଷମକୁ ମଧ୍ୟ କାଟିବ ନାହିଁ ଓ କୌଣସି ଭବନକୁ ମଧ୍ୟ ଭୂମିସାତ କରିବ ନାହିଁ ।"**(ଶରହୁଜ୍ ଜର୍କାନୀ ଅଲଲ୍ ମୱାହିବିଲ୍ ଲୁଦ୍‌ନିୟାହ୍, ଭାଗ-3, ପୃ-342, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ସେହିପରି ସୈନ୍ୟବାହିନୀର ଯେଉଁ ସେନାପତି ଥିଲେ ତାଙ୍କୁ ମଧ୍ୟ ଆପଣ ସ.ଅ କହିଲେ, "ହେ ସେନାପତି ! ତୁମେ ଯେତେବେଳେ କୌଣସି ମୁସ୍‌ରିକ୍ (ଈଶ୍ୱରଙ୍କ ସହିତ ସମକକ୍ଷ କରୁଥିବା ଅନ୍ୟ ବ୍ୟକ୍ତି) ସହିତ ଭେଟ ହୁଅ ତେବେ ତା'କୁ ତିନୋଟି ପ୍ରସଙ୍ଗ ମଧ୍ୟରୁ ଯକୌଣସି ଗୋଟିଏ ପ୍ରସଙ୍ଗ ଆଡ଼କୁ ନିମନ୍ତ୍ରିତ କରିବ । ସେ ଯେଉଁ ପ୍ରସଙ୍ଗକୁ ବି ଯଦି ସ୍ୱୀକାର କରିନିଏ ତେବେ ସେପରିପ୍ରେକ୍ଷୀରେ ତୁମେ ସେହି ବ୍ୟକ୍ତିକୁ ଆଉ ଦୁଃଖ କଷ୍ଟ ଦେବ ନାହିଁ । ତୁମେ ଲୋକମାନଙ୍କୁ ଇସ୍‌ଲାମ ଧର୍ମ ଆଡ଼କୁ ଆମନ୍ତ୍ରିତ କରିବ ଯେ, ସେମାନେ ନିଜର ସହରରୁ ପ୍ରବାସକାରୀମାନଙ୍କ ସହରକୁ ସ୍ଥାନାନ୍ତରିତ ହୋଇଯାଆନ୍ତୁ । ସେମାନେ ଯଦି ଏହିପରି କରି ନିଅନ୍ତି ତେବେ ସେମାନଙ୍କୁ କହିବ କି ଯାହା ପ୍ରବାସକାରୀମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଅଟେ ତାହା ସେମାନଙ୍କ ନିମନ୍ତେ ମଧ୍ୟ ଉଦ୍ଦିଷ୍ଟ ଅଟେ । ସେମାନେ ଯଦି ଉକ୍ତ କଥାକୁ ଅସ୍ୱୀକାର କରି ଦିଅନ୍ତି ତେବେ ସେମାନଙ୍କୁ କହିବ କି ମୁସଲମାନମାନଙ୍କ ମଧ୍ୟରୁ ପର୍ବତରେ ବାସ କରୁଥିବା ଆଦିବାସୀଙ୍କ ଆଡ଼କୁ ଚାଲିଯାଅ ଏବଂ ଯେଉଁମାନେ ଗ୍ରାମରେ ରହୁନ୍ତି ସେମାନଙ୍କ ପାଖକୁ ଚାଲିଯାଅ । ସେମାନଙ୍କ ନିମନ୍ତେ ଅଲ୍ଲାଃତାଲାଙ୍କର ସେହି ଆଦେଶ ହେବ ଯାହା ଅନ୍ୟ ମୁସଲମାନମାନଙ୍କ ନିମନ୍ତେ ଆଦେଶ ହେବ । କିନ୍ତୁ ସେମାନଙ୍କୁ ମାଲେ ଗନିମତ୍ ଏବଂ ମଲେ ଫୈ (ଯୁଦ୍ଧ ନକରି ପ୍ରାପ୍ତ ହୋଇଥିବା ଧନ ରତ୍ନ) ମଧ୍ୟରୁ କିଛି ବି ମିଳିବ ନାହିଁ । ଏପର୍ଯ୍ୟନ୍ତକି ସେମାନେ ମୁସଲମାନମାନଙ୍କ ସହିତ ଜିହାଦ୍ କରନ୍ତୁ । ସେମାନେ ଯଦି ସାଙ୍ଗରେ ମିଶି ଲଢିବାକୁ ଅସ୍ୱୀକାର କରନ୍ତି ତେବେ ସେମାନଙ୍କ ଠାରୁ ଯିଜିୟା ଦାବି କରିବ । ଯଦି ସେମାନେ ମାନି ନିଅନ୍ତି (ଆଁହଜରତ ସ.ଅଙ୍କ ଆଦେଶ ମାନି ନିଅନ୍ତି ଓ ମୁସଲମାନ ହୋଇ ଯାଆନ୍ତି) ତେବେ ସେମାନଙ୍କ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନେବ ଏବଂ ସେମାନଙ୍କର ଦାବିକୁ ସ୍ୱୀକାର କରିନେବ । ସେମାନଙ୍କୁ ଦଃଖ କଷ୍ଟ ଦେବ ନାହିଁ । କଷ୍ଟ ଦେବାରୁ ଅଟକିଯିବ । ସେମାନେ ଯଦି ଉକ୍ତ କଥାକୁ ବି ଅସ୍ୱୀକାର କରି ଦିଅନ୍ତି ତେବେ ଅଲ୍ଲାଃତାଲାଙ୍କ ଠାରୁ ସେମାନଙ୍କ ବିପକ୍ଷରେ ସାହାଯ୍ୟ ଭିକ୍ଷା ଲୋଡ଼ିବ ଓ ସେମାନଙ୍କ ବିରୁଦ୍ଧରେ ଜିହାଦ୍ କରିବ । ଯଦି ତୁମେମାନେ କୌଣସି ଦୁର୍ଗ କିମ୍ବା କୌଣସି ସହରର ଘେରାଉ କରିନିଅ ଏବଂ ସେହି ଦୁର୍ଗବାସୀ ତଥା ସହରବାସୀ ତୁମମାନଙ୍କ ଠାରୁ ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହଙ୍କ ଦାୟିତ୍ୱ ନିଯୁକ୍ତ କରିବାର ଇଚ୍ଛା ବ୍ୟକ୍ତ କରନ୍ତି ତେବେ ସେମାନଙ୍କ ନିମନ୍ତେ ଅଲ୍ଲାଃତାଲା ଏବଂ ତାହାଙ୍କ ବାର୍ତ୍ତାବହଙ୍କ ଜିମା (ଦାୟିତ୍ୱ) ଧାର୍ଯ୍ୟ କରିବ ନାହିଁ । ଅର୍ଥାତ୍ ଏମାନଙ୍କର ଦ୍ୱାହି ଦେଇ ସେମାନଙ୍କ ସହିତ ଚୁକ୍ତି କରିବ ନାହିଁ । ବରଂ ନିଜର ଓ ନିଜ ପିତୃ ପିତାମହଙ୍କ ଦ୍ୱାହି ଦେବ । ତୁମେମାନେ ଯଦି ନିଜର ଅଙ୍ଗୀକାର ଓ ନିଜର ପିତୃପିତାମହଙ୍କ ଅଙ୍ଗୀକାରକୁ ଭଙ୍ଗ କର ତେବେ ଏହା ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହଙ୍କ ଅଙ୍ଗୀକାରକୁ ଭଙ୍ଗ କରିବା ଅପେକ୍ଷା ଅଧିକ କୋମଳପୂର୍ଣ୍ଣ (ସରଳ) କଥା ହେବ ।"

**(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-6, ପୃ-146, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ହ. ମୁସ୍‌ଲେହ୍ ମଉଦ୍ ର.ଅ ଏହାର ବିବରଣୀ ପ୍ରଦାନ କରି ଏହିପରି ବର୍ଣ୍ଣନା କରିଛନ୍ତି ଯେ, ଆଁହଜରତ ସ.ଅ ଆଦେଶ ଦେଲେ ଯେ, "ଜୈଦ୍ ବିନ୍ ହର୍‌ସା ର.ଅ ସୈନ୍ୟବାହିନୀର ସେନାପତି ହେବେ ଏବଂ ସେ ଯଦି ନିହତ ହେଲେ ତେବେ ଜାଫର୍ ବିନ୍ ଅବି ତାଲିବ୍ ସୈନ୍ୟବାହିନୀର ସେନାପତି ହେବେ । ଯଦି ହ. ଜାଫର୍ ର.ଅ ମୃତ୍ୟୁବରଣ କରନ୍ତି ତେବେ ଅବ୍‌ଦୁଲ୍ଲାଃ ବିନ୍ ରୱାହା ର.ଅ ସେନାପତି ହେବେ । ଯଦି ଅବଦୁଲ୍ଲାଃ ବିନ୍ ରୱାହା ଶହୀଦ୍ ହୁଅନ୍ତି ତେବେ ମୁସଲମାନମାନେ ନିଜ ମଧ୍ୟରୁ ଯାହାକୁ ଚାହିଁବେ ତାହାକୁ ନିଜର ସେନାପତି ରୂପେ ବରଣ କରିନେବେ । ଆଁହଜରତ ସ.ଅଙ୍କ ସଭାରେ ସେତେବେଳେ ଜଣେ ଇହୁଦୀ ବ୍ୟକ୍ତି ବସିଥିଲା । ସେ କହିଲା, ହେ ଅବୁଲ୍ କାସିମ୍ ! ଯଦି ଆପଣ ସତ୍ୟବାଦୀ ଅଟନ୍ତି ତେବେ ଏହି ତିନିଜଣ ବ୍ୟକ୍ତି ଯାହାଙ୍କର ନାମ ଆପଣ ସ.ଅ ନିଜ ତୁଣ୍ଡରେ ଧରିଛନ୍ତି ତେବେ ଏମାନେ ନିଶ୍ଚିତ ମୃତ୍ୟୁବରଣ କରିବେ। କାରଣ ଅଲ୍ଲାଃତାଲା ନିଜର ଅବତାରମାନଙ୍କ ମୁଖ ନିସୃତ (ପାଟିରୁ ବାହାରିଥିବା) କଥାକୁ ଅବଶ୍ୟ ପୂର୍ଣ୍ଣ କରିଥାଆନ୍ତି । ପୁନଶ୍ଚ ସେହି ଇହୁଦୀ ବ୍ୟକ୍ତି ଜଣକ ହ. ଜୈଦ୍ ର.ଅଙ୍କ ଆଡ଼କ ମୁହଁ କରି କହିଲା, ହେ ଜୈଦ୍ ! ମୁଁ ତୁମକୁ ସତ ସତ କହୁଛି, ଯଦି ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ ଈଶ୍ୱରଙ୍କ ସତ୍ୟାବତାର ଅଟନ୍ତି ତେବେ ତୁମେ କେବେ ବି ଜୀବିତ ଫେରିବ ନାହିଁ ।" ହ. ଜୈଦ୍ ର.ଅ ଉତ୍ତର ଦେଲେ, ମୁଁ ଫେରେ ଅବା ନଫେରେ କିନ୍ତୁ ମୁହମ୍ମଦ ରସୁଲୁଲ୍ଲାଃ ସ.ଅ ଈଶ୍ୱରଙ୍କ ସତ୍ୟ ବାର୍ତ୍ତାବହ ଅଟନ୍ତି । ଦ୍ୱିତୀୟ ଦିନ ସକାଳ ସମୟରେ ଏହି ସୈନ୍ୟବାହିନୀ ପ୍ରସ୍ଥାନ କଲା ଏବଂ ରସୁଲ୍ କରୀମ୍ ସ.ଅ ଓ ସାହାବାମାନେ ଏହି ସୈନ୍ୟବାହିନୀକୁ ଛାଡ଼ିବା ନିମନ୍ତେ ଗଲେ । ରସୁଲୁଲ୍ଲାଃ ସ.ଅଙ୍କ ଜୀବନକାଳ ମଧ୍ୟରେ ଆପଣ ସ.ଅଙ୍କ ଦ୍ୱାରା ସେନାପତିତ୍ୱ ନିଯୁକ୍ତ ନହୋଇ ଏତେ ବିଶାଳ ସଂଖ୍ୟକ ସୈନ୍ୟବାହିନୀ କୌଣସି ମୁସଲମାନ ସେନାପତି ଅଧୀନ ବିନା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ନିମନ୍ତେ କେବେ ବି ଯାଇ ନଥିଲା ।

ରସୁଲ୍ କରୀମ୍ ସ.ଅ ସେହି ସୈନ୍ୟବାହିନୀ ସହିତ ଚାଲି ଚାଲି ଯାଉଥିଲେ ଏବଂ ସେମାନଙ୍କୁ ଉପଦେଶ ଦେଇ ଚାଲିଥିଲେ । ପରିଶେଷରେ ମଦିନା ବାହାରେ ସେହି ସ୍ଥାନକୁ ଯାଇ ପହଞ୍ଚିଲେ ଯେଉଁ ସ୍ଥାନ ଦେଇ ଆପଣ ସ.ଅ ମଦିନାରେ ପ୍ରବେଶ କରିଥିଲେ । ସାଧାରଣତଃ ମଦିନାବାସୀମାନେ ନିଜର ଯାତ୍ରୀମାନଙ୍କୁ ସେହି ସ୍ଥାନ ପର୍ଯ୍ୟନ୍ତ ଆସି ବିଦାୟ ଜଣାଉଥିଲେ । ଆପଣ ସ.ଅ ଛିଡ଼ା ହୋଇଗଲେ ଏବଂ କହିଲେ, ମୁଁ ତୁମମାନଙ୍କୁ ଅଲ୍ଲାଃତାଲାଙ୍କ ଈଶ୍ୱରଭୀରୁତା ସଂପର୍କରେ ଉପଦେଶ ଦେଉଛି । ଆପଣ ସ.ଅ ସେହି ସ୍ଥାନରେ ଛିଡ଼ା ହୋଇ ନିଜର ସୈନ୍ୟବାହିନୀକୁ ଉପଦେଶ ଦେଲେ ଯେ, ହେ ସୈନ୍ୟବାହିନୀ ! ମୁଁ ତୁମମାନଙ୍କୁ ଅଲ୍ଲାଃତାଲାଙ୍କ ଧର୍ମପରାୟଣତା ସଂପର୍କରେ ଉପଦେଶ ଦେଉଛି ଏବଂ ତୁମ ସହିତ ଯେତେ ମୁସଲମାନମାନେ ଅଛନ୍ତି ସେମାନଙ୍କ ସହିତ ତୁମେମାନେ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବ । ତୁମେମାନେ ଅଲ୍ଲାଃତାଲାଙ୍କ ନାମୋଚ୍ଚାରଣ କରି ଯୁଦ୍ଧକୁ ଯାଅ ଏବଂ ତୁମର ଏବଂ ତୁମ ଶତ୍ରୁ ଯେଉଁମାନେ ସିରୀୟାରେ ଅଛନ୍ତି ସେମାନଙ୍କ ସହିତ ଯାଇ ତୁମେମାନେ ଯୁଦ୍ଧ କର । ତୁମେମାନେ ଯେତେବେଳେ ସିରୀୟାରେ ପହଞ୍ଚିବ ସେତେବେଳେ ସେଠାରେ ତୁମେମାନଙ୍କୁ ଏପରି ଲୋକ ମିଳିବେ ଯେଉଁମାନେ ଉପାସନା ସ୍ଥାନରେ ବସି ଈଶ୍ୱରଙ୍କ ନାମ ଜପ କରିଥାଆନ୍ତି । ତୁମେମାନେ ସେମାନଙ୍କ ସହିତ ଲାଗିବ ନାହିଁ ସେମାନଙ୍କ ପ୍ରତି ଅସଦାଚରଣ ପ୍ରଦର୍ଶନ କରିବ ନାହିଁ, ସେମାନଙ୍କୁ କଷ୍ଟ ଦେବ ନାହିଁ, ଶତ୍ରୁ ଦେଶରେ କୌଣସି ମହିଳାର ବଧ କରିବ ନାହିଁ, ସ୍ତନ୍ୟପାନ କରୁଥିବା କୌଣସି ଶିଶୁର ସଂହାର କରିବ ନାହିଁ, ତୁମେମାନେ କୌଣସି ଅନ୍ଧ ବ୍ୟକ୍ତିକୁ ସଂହାର କରିବ ନାହିଁ କି କୌଣସି ବୃଦ୍ଧ ବ୍ୟକ୍ତିର ବଧ କରିବ ନାହିଁ । ତୁମେମାନେ କୌଣସି ଖଜୁରୀ କୋଳି ବୃକ୍ଷ କାଟିବ ନାହିଁ କି କୌଣସି ଭବନକୁ ମଧ୍ୟ ଭୂମିସାତ୍ କରିବ ନାହିଁ । ଏହି ଉପଦେଶ ଦେଇ ରସୁଲୁଲ୍ଲାଃ ସ.ଅ ସେଠାରୁ (ସେହି ସ୍ଥାନ ଅର୍ଥାତ୍ ସନିୟତୁଲ୍ ୱିଦାରୁ) ଫେରିଲେ ଏବଂ ଇସ୍‌ଲାମୀୟ ସୈନ୍ୟବାହିନୀ ସିରୀୟା ଅଭିମୁଖେ ପ୍ରସ୍ଥାନ କଲା ।"

**(ଦିବାଚା ତଫ୍‌ସିରୁଲ୍ କୁରଆନ୍, ଅନ୍‌ୱାରୁଲ୍ ଉଲୁମ୍, ଭାଗ-20, ପୃ-333-334)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଉ ଏକ ସ୍ଥାନରେ ମଧ୍ୟ ଉପରୋକ୍ତ ଘଟଣାର ବିସ୍ତୃତ ବିବରଣୀ ବର୍ଣ୍ଣନା କରି ସାରିବା ପରେ ଆପଣ ର.ଅ ଏହିପରି କହିଲେ, "ଅଲ୍ଲାଃତାଲାଙ୍କ ତାତ୍ତ୍ୱିକ ରହସ୍ୟ ଏହିକି ଯେ, ଉକ୍ତ ଘଟଣାଟି ଠିକ୍ ଏହିପିର ଭାବରେ ପୂର୍ଣ୍ଣ ହେଲା ।

**ହଦିସେ ନବୱୀ ସ.ଅ.ସ :-**

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ଠାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family,
Jamat Ahmadiya Kardapalli (Odisha)

ଅର୍ଥାତ୍ ଯେଉଁମାନେ ସେନାପତି ଥିଲେ ଏବଂ ଯେଉଁ ସେନାପତିମାନଙ୍କ ଶାହାଦତ ସଂପର୍କରେ ଆଁହଜରତ ସ.ଅ ଭବିଷ୍ୟବାଣୀ କରିଥିଲେ ସେହିମାନଙ୍କର ଘଟଣା ଠିକ୍ ସେହିପରି ଘଟିଲା । ପ୍ରଥମେ ହ. ଜୈଦ୍ ର.ଅ ଶହୀଦ୍ ହେଲେ ଏବଂ ତାଙ୍କ ପରେ ହ. ଜାଫର୍ ର.ଅ ସୈନ୍ୟବାହିନୀର ନେତୃତ୍ୱ ନେଲେ । ସେ ମଧ୍ୟ ଶହୀଦ୍ ହୋଇଗଲେ ଏବଂ ତାଙ୍କ ପରେ ହ. ଅବ୍ଦୁଲ୍ଲାଃ ବିନ୍ ରୱାହା ସୈନ୍ୟବାହିନୀର ସେନାପତି ହେଲେ। କିନ୍ତୁ ସେ ମଧ୍ୟ ଶହୀଦ୍ ହୋଇଗଲେ । ସୁତରାଂ ଏହା ଖୁବ୍ ନିକଟବର୍ତ୍ତୀ ଅର୍ଥାତ୍ ସୈନ୍ୟବାହିନୀ ବିକ୍ଷିପ୍ତ ହୋଇଯିବାର ଯଥେଷ୍ଟ ଆଶଙ୍କା ରହିଥିଲା । ଅତଏବ୍ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ କେତେକ ମୁସଲମାନମାନଙ୍କ କହିବାରୁ ଧ୍ୱଜାକୁ ନିଜ ହାତରେ ଧରିନେଲେ । ଅଲ୍ଲାଃତାଲା ତାଙ୍କ ମାଧ୍ୟମରେ ମୁସଲମାନମାନଙ୍କୁ ବିଜୟ ପ୍ରଦାନ କଲେ ଏବଂ ସେ ଅର୍ଥାତ୍ ହ. ଖାଲିଦ୍ ବିନ୍ ୱଲିଦ୍ ସକୁଶଳେ ସୈନ୍ୟବାହିନୀକୁ ଫେରାଇ ଆଣିଲେ ।"**(ଫରିଜା ତବଲିଗ୍ ୱ ଅହମଦି ଖୱାତିନ୍, ଅନୱାରୁଲ୍ ଉଲୁମ୍, ଭାଗ-18, ପୃ-406)**

ହୁଜୁର ଅନ୍ୱର୍ ଅ.ବ କହିଲେ, ଏହି ଯୁଦ୍ଧ ଚର୍ଚ୍ଚା ବର୍ତ୍ତମାନ ଜାରି ରହିଛି । ଏହାର ଅବଶିଷ୍ଟାଂଶ **ଇନ୍ଶାଅଲ୍ଲାଃ** ଆସନ୍ତା ଖୁତ୍ବାରେ ମୁଁ ବର୍ଣ୍ଣନା କରିବି । ବର୍ତ୍ତମାନ ମୁଁ ଏକ ଶହୀଦ୍ଙ୍କ ଯନଜାଃର ଚର୍ଚ୍ଚା କରିବାକୁ ଚାହୁଁଛି ଏବଂ ନମାଜ୍ ଜୁମା ପରେ ମୁଁ ତାଙ୍କର ନମାଜ ଯନାଜାଃ ଗାଏବ୍ ମଧ୍ୟ ପଢେଇବି । **ଇନ୍ଶାଅଲ୍ଲାଃ** । ଯେଉଁ ବ୍ୟକ୍ତି ଜଣକ ଶହୀଦ୍ ହୋଇଛନ୍ତି ସେ ହେଉଛନ୍ତି କରାଚୀ ଜିଲ୍ଲାର ସ୍ୱର୍ଗତ ଲଇକ୍ ଅହମଦ୍ ଚିମା ସାହେବ । ବିଗତ ସପ୍ତାହରେ ଆପଣ ଶହୀଦ୍ ହୋଇଥିଲେ । ଆପଣ ଚୌଧୁରୀ ନଜର୍ ଅହମଦ୍ ଚିମାଙ୍କର ସୁପୁତ୍ର ଥିଲେ । ଏପ୍ରିଲ୍ ମାସ 18 ତାରିଖ ଦିନ ତାଙ୍କୁ ଶହୀଦ୍ କରିଦିଆ ଯାଇଥିଲା ।إِنَّا لِلّٰهِ وَإِنَّا إِلَيْهِ رَاجِعُوْنَ । ଭିଡ଼ ତାଙ୍କ ଉପରେ ଆକ୍ରମଣ କଲା ଏବଂ ଅତ୍ୟନ୍ତ ନୃଶଂସନୀୟ ଢଙ୍ଗରେ ତାଙ୍କୁ ଶହୀଦ୍ କରିଦେଲା । ମୃତ୍ୟୁ ବେଳକୁ ସ୍ୱର୍ଗତ ଶହୀଦଙ୍କୁ 47 ବର୍ଷ ହୋଇଥିଲା ।

ହୁଜୁର ଅନ୍ୱର୍ ଅ.ବ କହିଲେ, ପ୍ରାପ୍ତ ବିବରଣୀ ଅନୁସାରେ ଘଟଣା ଦିନ ସୂଚନା ମିଳିଲା କି ବିରୋଧୀମାନେ ଜନସମୂହ ଆକାରରେ ଅହମଦିୟା ହଲ୍ ବାହାରେ ଏକତ୍ରିତ ହୋଇ ହଟ୍ଟଗୋଳ କରୁଛନ୍ତି । ସେହି ଦିନଟି ଶୁକ୍ରବାର ଦିନ ଥିଲା । ଅତଏବ୍ ସ୍ୱର୍ଗତ ଲଇକ୍ ଅହେମଦ୍ ଚିମା ସାହେବଙ୍କୁ ପରିସ୍ଥିତିର ସମୀକ୍ଷା କରିବା ନିମନ୍ତେ  ପ୍ରେରଣ କରାଗଲା । ସ୍ୱର୍ଗତ ଶହୀଦ୍ ମହୋଦୟ ଘଟଣା ସ୍ଥଳରେ ପହଞ୍ଚିଲେ । ବିରୋଧୀମାନେ ଲଇକ୍ ଅହମଦ ସାହେବଙ୍କୁ ଚିହ୍ନି ପକାଇଲେ ଏବଂ ତାଙ୍କ ଉପରେ ଆକ୍ରମଣ କରି ତାଙ୍କୁ ଘୋଷାରି ଆଣି କିଛି ଦୂରରେ ଥିବା ଏକ ଛକ ପାଖକୁ ନେଇଗଲେ। ଛକ ପାଖକୁ ନେଇ ବିରୋଧୀମାନେ ସ୍ୱର୍ଗତଙ୍କ ଉପରେ ଟେକା ପଥର ଫିଙ୍ଗି ତାଙ୍କୁ ଅତ୍ୟନ୍ତ ନୃଶଂସନୀୟ ଢଙ୍ଗରେ ଶହୀଦ୍ କରିଦେଲେ । ପ୍ରାଣବାୟୁ ଉଡ଼ିଯିବା ଅବସ୍ଥାରେ ଜଣେ ଦୋକାନୀ ସ୍ୱର୍ଗତଙ୍କୁ ଜଳ ପାନ କରାଇବା ପାଇଁ ଯେତେବେଳେ ଚେଷ୍ଟା କଲା ସେତେବେଳେ ସେହି ଦୋକାନୀକୁ ଜଳପାନ କରାଇବାରୁ ଅଟକାଇ ଦିଆଗଲା । ଘଟଣା ଘଟିବାର ଅଧ ଘଣ୍ଟା ବିତିଯିବା ପରେ ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚିଥିଲା । ଏତଦ୍ପରେ ପୋଲିସ୍ ମୃତକଙ୍କ ଶବକୁ ଡାକ୍ତରଖାନା ପହଞ୍ଚାଇଲା । କିନ୍ତୁ ହସ୍ପିଟାଲ୍ର କର୍ତ୍ତୃପକ୍ଷ ତାଙ୍କୁ ମୃତ ବୋଲି ପୁଷ୍ଟି କରିଦେଲେ ।

ସ୍ୱର୍ଗତ ଶହୀଦ୍ଙ୍କ ବଂଶରେ ଅହମଦିୟତ୍ ତାଙ୍କର ଦଦାଙ୍କ ପିତା ସମ୍ମାନନୀୟ ସ୍ୱର୍ଗତ ଚିସ୍ତିୟାଁ ଗ୍ରାମ ଅନ୍ତର୍ଗତ ବାହାୱଲ୍ ନଗରର ଚୌଧୁରୀ ହାକିମ୍ ଅଲୀ ସାହେବଙ୍କ ମାଧ୍ୟମରେ ହୋଇଥିଲା । ସ୍ୱର୍ଗତ ହାକିମ୍ ସାହେବ ଖଲିଫା ଅୱଲ୍ଙ୍କ କାଳରେ ବୈଅତ୍ କରି ଅହମଦିୟତ୍ରେ ପ୍ରବିଷ୍ଟ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ । ଶହୀଦ୍ ସ୍ୱର୍ଗତ ଯଦିଓ ଉଚ୍ଚ ଶିକ୍ଷିତ ନଥିଲେ । କିନ୍ତୁ ନିଜର ଏକ ୱାର୍କଶପ୍ ସେ ଖୋଲିଥିଲେ ଏବଂ ଗାଡ଼ି ମୋଟର୍ ସାଇକଲ୍ ମରାମତି କାର୍ଯ୍ୟ କରୁଥିଲେ । ତାଙ୍କର ୱାର୍କଶପ୍ର ଏହି ବ୍ୟବସାୟ ଅତ୍ୟନ୍ତ ବ୍ୟାପକ ହୋଇଯାଇଥିଲା । ତାଙ୍କର ସୁନାମ ଏବଂ ଖ୍ୟାତି ଯୋଗୁଁ ବିଭିନ୍ନ ସରକାରୀ ଅନୁଷ୍ଠାନ ମଧ୍ୟ ନିଜର ଗାଡ଼ି ସ୍ୱର୍ଗତଙ୍କ ଠାରୁ ମରାମତି କରାଉଥିଲେ। ସେହି କାରଣରୁ ତାଙ୍କର ସାମାଜିକ ସଂପର୍କ ମଧ୍ୟ ଅତ୍ୟନ୍ତ ବ୍ୟାପକ ଥିଲେ । ଅଲ୍ଲାଃତାଲାଙ୍କ କୃପାରୁ ଶହୀଦ୍ ସ୍ୱର୍ଗତ ଓସିୟତ୍କାରୀ ବ୍ୟକ୍ତି ଥିଲେ । ଜମାଅତୀୟ ପ୍ରସଙ୍ଗ ସମ୍ପାଦନ ଏବଂ ସେବା ନିମନ୍ତେ ସ୍ୱର୍ଗତ ଶହୀଦ୍ ମହୋଦୟ ସର୍ବଦା ତତ୍ପର ରହୁଥିଲେ । ନମାଜ୍ ତହଜ୍ଜୁଦ୍ ଓ ଅନ୍ୟାନ୍ୟ ପାଞ୍ଚବେଳା ନମାଜ ପାଠ କରିବାରେ ଆପଣ ନିୟମାନୁବର୍ତ୍ତୀ ଥିଲେ । ଆପଣ ନିଜର ସନ୍ତାନମାନଙ୍କୁ ନିୟମିତ ବାଜମାଅତ୍ ନମାଜ୍ ପାଠ କରିବା ନିମନ୍ତେ ନିଜ ସହିତ ଆଣୁଥିଲେ । ୱର୍କଶପ୍ରେ କାମ କରୁଥିବା ଅହେମଦି ୱାର୍କରମାନେ ଏବଂ ପରିବାରର ସଦସ୍ୟମାନଙ୍କ ନମାଜ୍ର ସମୀକ୍ଷା ମଧ୍ୟ କରୁଥିଲେ। କାର୍ଯ୍ୟବ୍ୟସ୍ତତା ଏବଂ କାର୍ଯ୍ୟରେ ନିମଗ୍ନ ରହିବା ସତ୍ତ୍ୱେ ମଧ୍ୟ କାମ ଛାଡ଼ି ନମାଜ ପାଠକୁ ଅଗ୍ରାଧିକାର ଦେଉଥିଲେ । ଏହା ନୁହେଁ ଯେ, ବ୍ୟବସାୟ ଏବଂ କାମରେ ବ୍ୟସ୍ତ ହୋଇଛନ୍ତି । ତାହା ନୁହେଁ ବରଂ ନମାଜ ପାଠକୁ ଅଗ୍ରାଧିକାର ଦେଉଥିଲେ । ସାଧାରଣତଃ ଏହି ପ୍ରକାରର ବ୍ୟବସାୟରେ ଲୋକମାନେ କାର୍ଯ୍ୟରେ ନିମଜ୍ଜିତ ରହିବା ଯୋଗୁଁ ନମାଜ ପ୍ରତି ଧ୍ୟାନ ଦେଇ ନଥାଆନ୍ତି । କିନ୍ତୁ ସେ କେବେ ବି ନିଜର ନମାଜ୍ କଜା (ଛାଡ଼ି) କରି ନାହାନ୍ତି, ଆପଣ ଅତ୍ୟନ୍ତ ମେଳାପୀ ପ୍ରିୟ ଓ ପ୍ରେମକାରୀ ବ୍ୟକ୍ତିଟିଏ ଥିଲେ । ପ୍ରତ୍ୟେକ ବ୍ୟକ୍ତିଙ୍କ ସହିତ ଆତ୍ମୀୟମୂଳକ ସଂପର୍କ ରଖିଥିଲେ । ଖିଲାଫତ୍ ସହିତ ଅତ୍ୟନ୍ତ ବିଶେଷ ସଂପର୍କ ଥିଲା । ଏମ୍.ଟି.ଏର କାର୍ଯ୍ୟକ୍ରମ ବିଶେଷ କରି ମୋର ଖୁତ୍ବାକୁ ସେ ଅବଶ୍ୟ ଶୁଣୁଥିଲେ । ଜମାତୀୟ ମକଦ୍ଦମା ଅନୁକରଣକାରୀ ଅର୍ଥାତ୍ ଲଢୁଥିଲେ ଏବଂ ଡିୟୁଟି ଦେବା ନିମନ୍ତେ ସର୍ବଦା ପ୍ରସ୍ତୁତ ରହୁଥିଲେ । ଶାହାଦତ୍ର ଘଟଣାରୁ ଦୁଇ ଦିନ ପୂର୍ବେ ମଧ୍ୟ ଅଦାଲତ୍ରେ ବିରୋଧୀମାନଙ୍କ ପକ୍ଷରୁ ଅତ୍ୟନ୍ତ ଆକ୍ରମଣାତ୍ମକ ଆଚରଣ ଅବଲମ୍ବନ କରି ତାଙ୍କୁ ଧମକ ଦିଆଯାଇଥିଲା ।

ତାଙ୍କୁ ପୂର୍ବରୁ ମଧ୍ୟ ଧମକ ମିଳୁଥିଲା । ପବିତ୍ର କୁରଆନ୍ କରୀମ୍ ସହିତ ତାଙ୍କର ଉତ୍ସାହମୂଳକ ପ୍ରେମ ଥିଲା ଏବଂ ପୂର୍ବେ ତାଙ୍କୁ ଭଲ ଭାବରେ ପାଠ ପଢା ଆସୁ ନଥିଲା। କିନ୍ତୁ ବଡ଼ ବୟସରେ ସେ ପବିତ୍ର କୁରଆନ୍ କରୀମ ଶିଖିଲେ ଏବଂ ପବିତ୍ର କୁରଆନ୍ କରୀମ୍ ନିୟମିତ ରୂପେ ପାଠ କରୁଥିଲେ ଏବଂ ରେକର୍ଡ଼ିଂ ଶୁଣାଉଥିଲେ । ନିଜର ୱାର୍କଶପ୍ରେ ପବିତ୍ର କୁରଆନ୍ କରୀମ୍ର ରେକର୍ଡ଼ିଂ ଚଳାଉଥିଲେ । ଶହୀଦ୍ ସ୍ୱର୍ଗତଙ୍କ ଭାଇ କହିଲେ, ଭାଇ ବାରମ୍ବାର ଶାହାଦତ୍ ପ୍ରାପ୍ତ ହେବାର ଚର୍ଚ୍ଚା କରୁଥିଲେ ଏବଂ କହୁଥିଲେ, ଏହି ପୁରସ୍କାର ସୌଭାଗ୍ୟ ବ୍ୟକ୍ତିଙ୍କୁ ହିଁ ମିଳିଥାଏ। ଅନେକ ଲୋକ କହୁଥିଲେ ଯେ, ଯଦି ମୋ ବଳିଦାନର ସମୟ ଆସେ ତେବେ ମୁଁ ଛାତିରେ ଗୁଳି ମଧ୍ୟ ସହ୍ୟ କରିନେବି । ସେ ଯେମିତିକା ପରିସ୍ଥିତି ହୋଇଥାଉ ନା କାହିଁକି ସେ ସର୍ବଦା ନିଜର ଭାଇମାନଙ୍କୁ ଏହା କହୁଥିଲେ ଯେ, ମସ୍ଜିଦ୍ରେ ଯାଇ ନମାଜ ପାଠ କରିବା ଉଚିତ୍ । କାରଣ ଏହି ସମୟ ହିଁ  ଧୈର୍ଯ୍ୟ ପ୍ରଦର୍ଶନ କରିବାର ପ୍ରକୃଷ୍ଟ ସମୟ ଅଟେ ।

ସ୍ୱର୍ଗତ ଲଇକ୍ ଅହମଦ ସାହେବଙ୍କ ନିରୀହ ସୁପୁତ୍ର ହିଜ୍କିଲ୍ ଅହମଦକୁ 12 ବର୍ଷ ବୟସ ହୋଇଛି । ସେ କହେ କି ପିତାଶ୍ରୀ ମୋତେ ଏହି ଉପଦେଶ ଦେଇଥିଲେ ଯେ, ପୁତ୍ର ତୁମେ କେବେ ବିବ୍ରତ ହେବ ନାହିଁ । ତେଣୁ ମୁଁ ନିଜ ପିତାଶ୍ରୀଙ୍କ ଶାହଦତ୍ରେ ଆଦୌ ବିବ୍ରତ ଓ ମର୍ମାହତ ହୋଇପଡ଼ି ନାହିଁ । ହୁଜୁର ଅନ୍ୱର୍ ଅ.ବ କହିଲେ, ଅତଏବ୍ ସ୍ୱର୍ଗତଙ୍କ ସୁପୁତ୍ର ଅତ୍ୟନ୍ତ ଧୈର୍ଯ୍ୟ ଓ ସାହସିକତା ପ୍ରଦର୍ଶନ କରିଛି । ସେହି ସୁପତ୍ର ଏହା କହେ କି ମୁଁ ମଧ୍ୟ ନିଜର ପିତାଶ୍ରୀଙ୍କ ପରି ବୀର ଓ ସାହସୀ ଅଟେ ଏବଂ ପିତାଶ୍ରୀଙ୍କ ପରି ନିଜ ଛାତିରେ ଗୁଳି ଖାଇବାକୁ ପ୍ରସ୍ତୁତ ଅଟେ । ସ୍ୱର୍ଗତ ଲଇକ୍ ଅହେମଦ୍ ସାହେବ ଦଇଟି ବିବାହ କରିଥିଲେ । ଶୋକ ସନ୍ତପ୍ତ ପରିବାର ମଧ୍ୟରେ ଦୁଇ ବେଗମ୍ଙ୍କ (ଦୁଇଟି ପତ୍ନି)ଙ୍କ ବ୍ୟତୀତ 7ଟି ସନ୍ତାନ ଏବଂ ଏକମାତ୍ର ଭଉଣୀ ଓ ଭାଇ ଛାଡ଼ି ଯାଇଛନ୍ତି । ସ୍ୱର୍ଗତଙ୍କ ଜ୍ୟୋଷ୍ଠ କନ୍ୟା (ବଡ଼ ଝିଅ)ର ବୟସ 17 ଅଟେ ଏବଂ କନିଷ୍ଠ (ସାନ ଝିଅ) କନ୍ୟାର ବୟସ ଦେଢ ବର୍ଷ । ସ୍ୱର୍ଗତ ଲଇକ୍ ଅହେମଦ ସାହେବ ନିଜ ସ୍ୱପ୍ନକୁ ଭିତ୍ତି କରି ନିଜର ପତ୍ନିକୁ କହିଥିଲେ ଯେ, ମୁଁ ଆଉ ଏକ ସନ୍ତାନ ଜନ୍ମ ହେବାର ସ୍ୱପ୍ନ ଦେଖିଛି । ଅତଏବ୍ ଦ୍ୱିତୀୟ ପତ୍ନି ଜଣକ ଯେତେବେଳେ ଟେଷ୍ଟ କଲେ ସେତେବେଳେ ସେ ଜାଣିବାକୁ ପାଇଲେ ଯେ, ଅଲ୍ଲାଃତାଲା ତାଙ୍କୁ ସନ୍ତାନ ଦ୍ୱାରା ପୁରସ୍କୃତ କରୁଛନ୍ତି ।

ହୁଜୁର ଅନ୍ୱର୍ ଅ.ବ କହିଲେ, ତୌସିଫ୍ ସାହେବ ନାମକ ଜନୈକ ମୁବଲ୍ଲିଗ୍ ସିଲସିଲା କୁହନ୍ତି: "ସ୍ୱର୍ଗତ ଲଇକ୍ ସାହେବ ପାଞ୍ଚବେଳା ନମାଜର ନିୟମାନୁବର୍ତ୍ତୀ ଥିଲେ ଏବଂ ନମାଜ ସେଣ୍ଟର୍ ଯାଇ ନମାଜ ପାଠ କରୁଥିଲେ । ତେହଜ୍ଜୁଦ୍ ନମାଜ ପାଠକାରୀ, ନଫିଲ୍ ନମାଜ୍ ସମ୍ପାଦନକାରୀ, ଖିଲାଫତ୍ର ଆଜ୍ଞାନୁବର୍ତ୍ତୀ, ଅଭାବି ଏବଂ ଦରିଦ୍ରମାନଙ୍କୁ ସାହାଯ୍ୟ କରୁଥିଲେ । ଆପଣ ଅଲ୍ଲାଃତାଲା ଓ ତାହାଙ୍କ ଭକ୍ତମାନଙ୍କର କର୍ତ୍ତବ୍ୟ ସମ୍ପାଦନ କରିବା ନିମନ୍ତେ ଯଥା ସମ୍ଭବ ପ୍ରୟାସ କରୁଥିଲେ । ବାଟରେ ଚାଲିବା ସମୟରେ ଅଭାବି ଲୋକମାନଙ୍କୁ ଆବଶ୍ୟକ ସ୍ଥଳରେ ତାତ୍କ୍ଷଣିକ ସାହାଯ୍ୟ ମଧ୍ୟ କରୁଥିଲେ । କୌଣସି ବ୍ୟକ୍ତିର ବାହନ ଯେତେବେଳେ ବାଟରେ ଖରାପ ହୋଇଯାଉଥିଲା ସେତେବେଳେ ସ୍ୱର୍ଗତ ମହୋଦୟ ବାଟରେ ନିଜର ଗାଡ଼ି ଅଟକାଇ ପଥିକ ଯାତ୍ରୀକୁ ସାହାଯ୍ୟ କରୁଥିଲେ । ଅଭାବି ଲୋକମାନଙ୍କୁ ଅତ୍ୟନ୍ତ ନିରବତାର ସହିତ ଓ ଗୋପନରେ ସାହାଯ୍ୟ କରୁଥିଲେ । ପୁଣ୍ୟ କର୍ମ ସମ୍ପାଦନ କରିବାରେ ଆପଣ ନିୟମାନୁବର୍ତ୍ତୀ ଏବଂ ପ୍ରତ୍ୟେକ ଦୃଷ୍ଟିରୁ ଆପଣ ନିଃସ୍ୱାର୍ଥ ସେବାକାରୀ ବ୍ୟକ୍ତି ଥିଲେ । ଅଲ୍ଲାଃତାଲାଙ୍କ ଅସ୍ତିତ୍ୱ ଉପରେ ଆପଣଙ୍କର ପୂର୍ଣ୍ଣ ବିଶ୍ୱାସ ଥିଲା । ନିଜର ପ୍ରତ୍ୟେକ


### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)



### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family,
Jamat Ahmadiya Kerang,
Darul Barkat (Odisha)

କାର୍ଯ୍ୟ ଏବଂ ସଫଳତାକୁ ଅଲ୍ଲାଃତାଲାଙ୍କର କୃପା ବୋଲି ବିବେଚିତ କରୁଥିଲେ । ଅଭାବ, ଅନଟନ ଓ ବିରୋଧ ସତ୍ତ୍ୱେ ସର୍ବଦା ଯଥା ସମୟରେ ନମାଜ ସେଣ୍ଟର୍‌ରେ ନମାଜ ପାଠ କରୁଥିଲେ । ଆପଣ ଅତ୍ୟନ୍ତ କୋମଳ ସ୍ୱଭାବର ବ୍ୟକ୍ତି ଥିଲେ । ଯଦି କୌଣସି ବ୍ୟକ୍ତି କ୍ରୋଧିତ ହୋଇ ଲଇକ୍ ସାହେବଙ୍କୁ କିଛି କହି ଦେଉଥିଲା ତେବେ ସେପରିପ୍ରେକ୍ଷୀରେ ସ୍ୱର୍ଗତ ଲଇକ୍ ସାହେବ ନିରବ ରହୁଥିଲେ । କେବେ ବି ପାଲଟା ଜବାବ ଦେଉ ନଥିଲେ । ବରଂ ସ୍ମିତହାସ୍ୟ (ହସି ହସି) ସେହି ମଜ୍‌ଲିସ୍ (ସଭା)ରୁ ଉଠି ଚାଲି ଯାଉଥିଲେ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ସେକ୍ରେଟାରୀ ମାଲ୍ ଅବା ସଦର୍ ଜମାଅତ୍ ଉଲ୍ଲେଖ କରିଛନ୍ତି ଯେ, ଏକଦା ଆମର ହିସାବ ଭୁଲ୍ ଥିଲା । ଭୁଲ୍ ବଶତଃ ଆମେମାନେ ତାଙ୍କୁ କହି ଦେଇଥିଲୁ ଯେ, ମହୋଦୟ ଆପଣଙ୍କର କିଛି ଚାନ୍ଦା ବାକି ରହିଯାଇଛି । ତେବେ ସେ ଏକଥା ପଚାରିଲେ ନାହିଁ ଯେ, କେତେ ବାକି ଅଛି ଅବା ନୁହେଁ ଏବଂ ସେ ସେହି ବକେୟା ଚାନ୍ଦା ପୈଠ କରିଦେଲେ । ସେହି ବକେୟା ଚାନ୍ଦା ପାଖାପାଖି ଏକ ଲକ୍ଷ ଟଙ୍କାର ବିଶାଳ ଅର୍ଥରାଶି ଥିଲା । ପରବର୍ତ୍ତୀ ସମୟରେ ସେକ୍ରେଟାରୀ ମାଲେ ତାଙ୍କୁ ସୂଚନା ଦେଲେ ଯେ, ମହୋଦୟ ଆମେ ଆପଣଙ୍କର ଯେଉଁ ଚାନ୍ଦାର ହିସାବ କରିଥିଲୁ ତାହା ଭୁଲ୍ ଥିଲା । ଆପଣଙ୍କର କୌଣସି ଚାନ୍ଦା ବାକି ନାହିଁ ବରଂ ଏହା ଅତିରିକ୍ତ ଟଙ୍କା ଅଟେ । ଅତଏବ୍ ସେ କହିଲେ, ହଉ କିଛି କଥା ନାହିଁ । ବର୍ତ୍ତମାନ ମୁଁ ଯେଉଁ ଅର୍ଥ ରାଶି ଅଲ୍ଲାଃତାଲାଙ୍କ ମାର୍ଗରେ ଦେଇ ଦେଇଛି ତାହାକୁ ମୁଁ ଆଉ ଫେରସ୍ତ ନେବି ନାହିଁ । ସେ ସପରିବାରେ ବିଦେଶକୁ ସ୍ଥାନାନ୍ତରିତ ହୋଇଥାଆନ୍ତେ । ପ୍ରସ୍ତୁତି ପୂର୍ଣ୍ଣ ହୋଇଯାଇଥିଲା । ବର୍ଣ୍ଣନାକାରୀ କୁହନ୍ତି ଯେ, ଦିନେ ସେ ମୋତେ ପ୍ରଥମେ କହିଲେ ଯେ, ଆମେମାନେ ବିଦେଶ ସ୍ଥାନାନ୍ତରିତ ହେବାକୁ ଯାଉଛୁ । ସେହି ବିଦେଶରେ ଧାର୍ମିକ ସ୍ୱାଧୀନତା ରହିଛି । ମୋର ଏହି ଅଭିଳାଷା ରହିଛି ଯେ, ମୁଁ ସନ୍ତାନମାନଙ୍କୁ ଅଜାନ୍, ତକ୍‌ବିର୍ ଉଚ୍ଚ ସ୍ୱରରରେ ଓ ଉତ୍ତମ ଶୈଳୀରେ ଶିଖାଇଦେବି । କାରଣ ମୁଁ ଯେତେବେଳେ ସେଠାରେ (ବିଦେଶରେ) ଯାଇ ଘରେ ବାଜମାଅତ୍ ନମାଜ ପାଠ କରିବି ସେତେବେଳେ ସନ୍ତାନମାନେ ନିୟମିତ ଏବଂ ବ୍ୟବସ୍ଥିତ ଭାବରେ ଅଜାନ୍ ଦେବେ ଓ ପୁନଶ୍ଚ ନମାଜ ପାଠ କରିବେ । ଅଲ୍ଲାତାଲା ସ୍ୱର୍ଗତ ଶହୀଦ୍‌ଙ୍କ ସ୍ତରକୁ ଉନ୍ନୀତ କରନ୍ତୁ ଏବଂ ତାଙ୍କର ପରିବାରବର୍ଗଙ୍କୁ ମଧ୍ୟ ନିଜର ସୁରକ୍ଷା ବଳୟ ମଧ୍ୟରେ ରଖନ୍ତୁ । **ଆମିନ୍** । ଅଲ୍ଲାଃତାଲା ଶତ୍ରୁକୁ ଧରିବା ନିମନ୍ତେ ଯଥାଶୀଘ୍ର ବ୍ୟବସ୍ଥା କରନ୍ତୁ । **ଆମିନ୍** ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଜି ମଧ୍ୟ ଏକ ଦୁଃଖଦପୂର୍ଣ୍ଣ ସୂଚନା ମିଳିଛି । କୁସୁର୍ ପ୍ରାନ୍ତରେ ଜନୈକ ଅହେମଦି ଯୁବକକୁ ଶହୀଦ୍ କରିଦିଆଯାଇଛି । ବିବରଣୀ ବର୍ତ୍ତମାନ ହସ୍ତଗତ ହୋଇପାରି ନାହିଁ ଅଲ୍ଲାଃତାଲା ଅତ୍ୟାଚାରୀମାନଙ୍କର ଯଥାଶୀଘ୍ର ଧରପକଡ଼ର ବ୍ୟବସ୍ଥା କରନ୍ତୁ । **ଆମିନ୍** । ସେମାନଙ୍କ ନିମନ୍ତେ ବର୍ତ୍ତମାନ ଏହା ହିଁ ଉଦ୍ଦିଷ୍ଟ ଯେ, اَللّٰهُمَّ مَزِّقْهُمْ كُلَّ مُمَزَّقٍ وَسَحِّقْهُمْ تَسْحِيْقًا ।

ହୁଜୁର ଅନୱର୍ ଅ.ବ କହିଲେ ଦ୍ୱିତୀୟ ଚର୍ଚ୍ଚା ହେଉଛି ଅମତୁଲ୍ ମୁସୱିର୍ ନୁରୀ ସାହେବାଙ୍କର । ସ୍ୱର୍ଗତା ଅମତୁଲ୍ ମୁସୱିର୍ ନୁରୀ ସାହେବା ଡାକ୍ତର ମସ୍‌ଉଦୁଲ୍ ହସନ୍ ସାହେବଙ୍କର ପତ୍ନି ଥିଲେ । ବିଗତ ଦିନରେ ତାଙ୍କର ବିୟୋଗ ହୋଇଯାଇଛି । اِنَّا لِلّٰهِ وَاِنَّا اِلَيْهِ رَاجِعُوْنَ । ସ୍ୱର୍ଗତାଙ୍କ ସ୍ୱାମୀ ମହୋଦୟ ଡାକ୍ତର ମସ୍‌ଉଦୁଲ୍ ହସନ୍ ସାହେବ ବର୍ଣ୍ଣନା କରନ୍ତି ଯେ, ହ. ଖଲିଫତୁଲ୍ ମସିହ୍ ସାଲିସ୍ ର.ଅ ଆମର ନିର୍ବନ୍ଧ ନିଜେ କରାଇଥିଲେ। ହୁଜୁର ଅନ୍‌ୱର୍ ର.ଅ ନା ତାଙ୍କୁ (ପତ୍ନି)ପଚାରିଲେ ଓ ନା ତାଙ୍କର ଅଭିଭାବକଙ୍କୁ ପଚାରିଲେ । ସେହିପରି ହୁଜୁର ର.ଅ ନା ହିଁ ମୋ ପିତା ଠାରେ ମୋ ସଂପର୍କରେ କିଛି ପଚାରିଲେ ଯେ, ତା'ର ବିବାହ କରିଦେବି ? ଇତ୍ୟବସରରେ କର୍ଣ୍ଣଲ୍ ଦାଉଦ୍ ସାହେବ ଓ ତାଙ୍କର ପତ୍ନିକୁ ଯେତେବେଳେ ରିସ୍ତା ସଂପର୍କରେ ହ. ଖଲିଫତୁଲ୍ ମସିହା ସାଲିସ୍ ର.ଅ କହିଲେ ସେତେବେଳେ ସେମାନେ (ପତ୍ନି ଓ ସ୍ୱାମୀ) କହିଲେ, ଆମେମାନେ କିଛି ଦିନ ଟିକେ ଇସ୍ତିଖାରା କରିନେବାକୁ ଚାହୁଁଛୁ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ମୁଁ ଇସ୍ତିଖାରା କରି ସାରିଛି । ବର୍ତ୍ତମାନ ଅତିରିକ୍ତ ଇସ୍ତିଖାରାର ଆଉ ଆବଶ୍ୟକତା ନାହିଁ ସିଧା ବିବାହ କର । ସେ ଯାହା ହେଉ ବିବାହ ସମ୍ପନ୍ନ ହେଲା । ମହୋଦୟ କୁହନ୍ତି ଯେ, ଅଲ୍ଲାଃତାଲାଙ୍କ କୃପାରୁ 51 ବର୍ଷ କାଳ ଦାମ୍ପତ୍ୟ ଜୀବନରେ ଅତ୍ୟନ୍ତ ପ୍ରେମ, ଆନ୍ତରୀକତା ଓ ଆଜ୍ଞାନୁବର୍ତ୍ତୀତା ଓ ମିତ୍ରତାପୂର୍ଣ୍ଣ ସଂପର୍କ ଆମ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ରହିଥିଲା । ମୋ ପତ୍ନି ନିୟମିତ୍ ନମାଜ ପାଠ କାରୀଣୀ ଥିଲେ । ଅଭାବିମାନଙ୍କୁ ସାହାଯ୍ୟ କରୁଥିଲେ ଏବଂ ଅତିଥି ସେବା ମଧ୍ୟ କରୁଥିଲେ, ଅଲ୍ଲାଃତାଲାଙ୍କ ଉପରେ ତାଙ୍କର ଗଭୀର ବିଶ୍ୱାସ ରହିଥିଲା । କିଛି ବର୍ଷ ହେଲା ସ୍ୱର୍ଗତାଙ୍କୁ ପବିତ୍ର କୁରଆନ୍ କରୀମ୍‌ର ଗଭୀର ଅଧ୍ୟୟନ କରିବା ପ୍ରତି ବେଶ୍ ଆଗ୍ରହ ସୃଷ୍ଟି ହୋଇଯାଇଥିଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଡାକ୍ତର ସାହେବ ପୁନଶ୍ଚ କୁହନ୍ତି ଯେ, ମୋର ୱକ୍‌ଫ ଏବଂ ମୋର ଶିକ୍ଷା ଆହାରଣରେ ମୋ ପତ୍ନିଙ୍କର ବହୁତ ବଡ଼ ଭୂମିକା ରହିଥିଲା। ଯଦି କୌଣସି ଆନନ୍ଦର ଅବସର ହେଉଥିଲା, ଯଦି କେଉଁଠି ଭ୍ରମଣ ନିମନ୍ତେ ଯିବାର ହେଉଥିଲା କିମ୍ବା ହସ୍ପିଟାଲ୍‌ରେ କୌଣସି ଜରୁରୀ କାଳୀନ ସ୍ଥିତି ଉପୁଜୁଥିଲା ସେତେବେଳେ ପତ୍ନି ମହୋଦୟା କହୁଥିଲେ ଯେ, ମୁଁ ବି ଆପଣଙ୍କ ସାଙ୍ଗରେ ଯିବି । ବିଗତ ତିନି ଚାରି ବର୍ଷ ହେଲା ଆପଣ ଅସୁସ୍ଥ ଥିଲେ । ଅତ୍ୟନ୍ତ ଧୈର୍ଯ୍ୟର ସହିତ ନିଜର ଅସୁସ୍ଥତାକୁ ସହ୍ୟ କଲେ, କେବେ ବି ଯନ୍ତ୍ରଣାର ପରିପ୍ରକାଶ କଲେ ନାହିଁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତାଙ୍କ ସୁପୁତ୍ର ଡାକ୍ତର ଖାଲିଦ୍ ନୁରୀ ସାହେବ ଆମେରିକାରେ ରୁହନ୍ତି । ଫଜ୍‌ଲେ ଉମର୍ ହସ୍ପିଟାଲ୍‌ରେ ଆପଣ ୱକ୍‌ଫେ ଆର୍ଜି କରିବା ନିମନ୍ତେ ମଧ୍ୟ ଆସନ୍ତି । ମୋ ମାତାଶ୍ରୀ ଜମାଅତ୍‌ର ଜଣେ ନୈଷ୍ଠିକା ସେବିକା ଥିଲେ। ଖିଲାଫତ୍ ପ୍ରତି ଅସୀମ ପ୍ରେମ ଓ ଆସ୍ଥା ବ୍ୟକ୍ତ କରୁଥିଲେ । ମାତାଶ୍ରୀ କେବେ ବି ମିଥ୍ୟା, ଚୁଗୁଲି ଇତ୍ୟାଦି କାର୍ଯ୍ୟରେ ଲିପ୍ତ ହେଉ ନଥିଲେ । ପବିତ୍ର କୁରଆନ୍ କରୀମ୍‌ର ସଂପୂର୍ଣ୍ଣ ଭାବାର୍ଥର (ଅନୁବାଦ) ସହିତ ପାଠ କରୁଥିଲେ । ହ. ମସିହ୍ ମଉଦ୍ ଅ.ସଙ୍କ ପୁସ୍ତକର ଅଧ୍ୟୟନ ମଧ୍ୟ କରୁଥିଲେ । ଆପଣ ତଜ୍‌କିରାହ୍‌କୁ ଅତ୍ୟନ୍ତ ଧ୍ୟାନର ସହିତ ପାଠ କରୁଥିଲେ । ଏହି ପୁସ୍ତକକୁ ମାତାଶ୍ରୀ ସର୍ବଦା ନିଜ ସହିତ ରଖୁଥିଲେ । ଇତିହାସ ସମ୍ବଳିତି ଦୁର୍ଲଭ ପ୍ରାମାଣ୍ୟକୁ ଏକତ୍ରିତ କରିବାରେ ବେଶ୍ ଅଭିରୁଚି ରହିଥିଲା । ମାତାଶ୍ରୀ ସଂଗ୍ରାହଳୟର କ୍ୟୁରେଟର୍ଜ ଏବଂ ଗବେଷକମାନଙ୍କ ସହିତ ମିଶି ସେହି ଦୁର୍ଲଭ ବସ୍ତୁ ସଂପର୍କରେ କଥୋପକଥନ କରୁଥିଲେ । ଏହି ରୁଚିରେ ସେ ମୋତେ ମଧ୍ୟ ସାମିଲ୍ କରିଥିଲେ । ରବ୍‌ୱାର ଆଖପାଖ ବିଶେଷ କରି ନଦୀ ସହିତ ସଂଲଗ୍ନ ଥିବା ପାହାଡ଼ରେ ସେ କେତେକ ବସ୍ତୁ ଦେଖିଲେ, ଖୋଜିଲେ, ଭୂମି ଖନନ କଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତା ନୁରୀ ସାହେବା ଯେତେବେଳେ ଲଣ୍ଡନ୍ ଠାକୁ ଆସୁଥିଲେ ସେତେବେଳେ ସ୍ୱର୍ଗତା ମୋ ସହିତ ମଧ୍ୟ ସେହି କଥା କହୁଥିଲେ। ସ୍ୱର୍ଗତା ମୋତେ ସେହି ସବୁ ଦୁର୍ଲଭ ଜନିଷ ସବୁ ଦେଖାଉଥିଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ତାଙ୍କର ସୁପୁତ୍ର ଅତିରିକ୍ତ ଉଲ୍ଲେଖ କରନ୍ତି ଯେ, ମାତାଶ୍ରୀ ସ୍ୱଳ୍ପ ସାଧନ ଥିବା ଲୋକମାନଙ୍କର ବିବାହରେ ବେଶ୍ ସାହାଯ୍ୟ କରୁଥିଲେ ଏବଂ ସମସ୍ତ କର୍ମଚାରୀମାନଙ୍କର ସନ୍ତାନମାନଙ୍କର ଦେଖାଶୁଣା ମଧ୍ୟ କରୁଥିଲେ । ଝିଅ ପିଲାମାନଙ୍କୁ ମାତାଶ୍ରୀ ପବିତ୍ର କୁରଆନ୍ କରୀମ୍ ପାଠ କରାଉଥିଲେ । ଆପଣ ଏକଥା ସୁନିଶ୍ଚିତ କରୁଥିଲେ ଯେ, ସେମାନଙ୍କର ସମସ୍ତ ଆବଶ୍ୟକତା ପୂରଣ ହେଉ । ମାତାଶ୍ରୀ ଯେତେବେଳେ ଲୋକମାନଙ୍କ ସହିତ ଭେଟ ହେଉଥିଲେ ସେତେବେଳେ ମାତାଶ୍ରୀଙ୍କ ମୁଖମଣ୍ଡଳରେ ସ୍ମିତହାସ୍ୟ ପ୍ରକଟିତ ହେଉଥିଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତାଙ୍କ ସୁପୁତ୍ରୀ ମୁବାରକା ବେଗମ୍ ସାହେବା କୁହନ୍ତି: "ମାତାଶ୍ରୀ ପାଠ ପଢିବା ପ୍ରତି ବେଶ୍ ଆଗ୍ରହୀ ଥିଲେ । ହ. ମସିହ୍ ମଉଦ୍ ଅ.ସଙ୍କ ପୁସ୍ତକ ହେଉ ଅବା ଖ୍ରୀଷ୍ଟ ଧର୍ମ ସମ୍ବଳିତ ପ୍ରସଙ୍ଗ ହେଉ କିମ୍ବା ହିନ୍ଦୁ ଧର୍ମ ସଂପର୍କିତ ପୁସ୍ତକ ହେଉ ବିଭିନ୍ନ ବିଷୟବସ୍ତୁ ଉପରେ ଆଧାରିତ ପୁସ୍ତକ ମାତାଶ୍ରୀ ଅଧ୍ୟୟନ କରୁଥିଲେ । ଫଳତଃ ମାତାଶ୍ରୀ ବେଶ୍ ଜ୍ଞାନ ଅର୍ଜନ କରି ନେଇଥିଲେ । ଉତ୍ସର୍ଗୀକୃତ ଜୀବନ କରିଥିବା ଲୋକମାନଙ୍କୁ ଆପଣ ସମ୍ମାନ ପ୍ରଦର୍ଶନ କରୁଥିଲେ । ମୋ ପିତାଶ୍ରୀଙ୍କୁ ମଧ୍ୟ ଆପଣ ସର୍ବଦା ସମର୍ଥନ ଜଣାଇଥିଲେ । ଅବସର ପରେ ଡାକ୍ତର ସାହେବ ଯେତେବେଳେ ନିଜକୁ ୱକ୍‌ଫ୍ କଲେ ସେତେବେଳେ ମାତାଶ୍ରୀ ପିତାଶ୍ରୀଙ୍କ ସହିତ ଚାଲି ଆସିଲେ। କିନ୍ତୁ ଏହାପରେ ମଧ୍ୟ ତାଙ୍କୁ ବେଶ୍ ସାଂସାରିକ ସ୍ୱାର୍ଥ ସମ୍ବଳିତ ଚାକିରୀ ମିଳିପାରି ଥାଆନ୍ତା। ସେ କୁହନ୍ତି ମୋ ପିତାଶ୍ରୀଙ୍କ ଅଣ ଅହେମଦି ସଂପର୍କୀୟମାନେ ମଧ୍ୟ ଶୋକ ବ୍ୟକ୍ତ କରିବା ନିମନ୍ତେ ଆସିଥିଲେ । ସେମାନେ କହୁଥିଲେ ଯେ, ମାତାଶ୍ରୀ ବଂଶକୁ ସଂଯୋଗ କରୁଥିଲେ ଏବଂ ସମସ୍ତଙ୍କ ସହିତ ସୁସଂପର୍କ ରଖିଥିଲେ । ମାତାଶ୍ରୀ ମୋତେ ମଧ୍ୟ ଉପଦେଶେ ଦେଉଥିଲେ ଯେ, ନିଜ ଘରର କଥା ବାହାରେ ଲୋକଙ୍କ ଆଗରେ କହିବ ନାହିଁ । ତୁମେ ଯାହା ବି ଲେଖିବ ଉପସ୍ଥିତ ଖଲିଫାଙ୍କୁ ପତ୍ର ଲେଖ ଏବଂ ଉପସ୍ଥିତ ଖଲିଫା ଯେଉଁ ଉପଦେଶ ଦେବେ ତାହାକୁ କାର୍ଯ୍ୟକାରୀ ଅବଶ୍ୟ କରିବ । ମାତାଶ୍ରୀ ସର୍ବଦା କହୁଥିଲେ ଯେ, କଳି ଝଗଡ଼ାରେ ନିଜର ସମୟକୁ ଅପଚୟ କର ନାହିଁ ।"

ତାହିର୍ ହାର୍ଟ ହସ୍ପିଟାଲ୍‌ର ଡ୍ରାଇଭର ଜଲାଲ୍ ଅହମଦ୍ ଖାନ ସାହେବ କୁହନ୍ତି: "ସ୍ୱର୍ଗତ ଅମତୁଲ୍ ମନ୍‌ସୁର୍ ନୁରୀ ସାହେବା ଅତ୍ୟନ୍ତ ପୁଣ୍ୟବାନ୍, ସଦାଚାରୀଣୀ, ସହାନୁଭୂତି ପ୍ରଦର୍ଶନକାରୀଣୀ, ଅଭାବି ଓ ଦରିଦ୍ରମାନଙ୍କର ଯତ୍ନ ନେଉଥିଲେ । ମହୋଦୟା ସର୍ବଦା ଯାତ୍ରା ସମୟରେ ଆମମାନଙ୍କର ଯତ୍ନ ନେଉଥିଲେ । ମହୋଦୟା ପବିତ୍ର କୁରଆନ୍ କରୀମ୍‌ର ଅନୁବାଦର ସି.ଡ଼ି ଲଗାଉଥିଲେ ଏବଂ ସେହି ସି.ଡ଼ିକୁ ସେ ରାସ୍ତା ସାରା ଶୁଣୁଥିଲେ । ଜଲାଲ୍ ସାହେବ ପୁନଶ୍ଚ କୁହନ୍ତି ଯେ, ସ୍ୱର୍ଗହତା ମହୋଦୟା

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ମୋ ପତ୍ନି ଏବଂ ମୋର ସନ୍ତାନମାନଙ୍କର ଯତ୍ନ ମଧ୍ୟ ନେଉଥିଲେ । ଆମେମାନେ ଯେତେବେଳେ ବଡ଼ ସହରକୁ ଯାଉଥିଲୁ ସେତେବେଳେ ଦୋକାନୀ ଏବଂ ବିଶେଷ ରୂପେ ପିଣ୍ଡି ଇସ୍‌ଲାମାବାଦ୍‌ର ଦୋକାନୀମାନେ ରହିଥିଲେ ସେମାନେ ସ୍ୱର୍ଗତାଙ୍କୁ ଜାଣିଥିଲେ । କାରଣ ସେମାନଙ୍କର ମହୋଦୟାଙ୍କ ଘରେ ଯିବା ଆସିବା ଥିଲା । ସେହି ଦୋକାନୀମାନେ ଯେତେବେଳେ ମହୋଦୟାଙ୍କୁ ତାଙ୍କର ହାଲ୍‌ଚାଲ୍ ସଂପର୍କରେ ପଚାରୁଥିଲେ ସେତେବେଳେ ସେ ଏହି ଉତ୍ତର ଦେଲେ ଯେ, ବର୍ତ୍ତମାନ ଆମେମାନେ ରବ୍‌ୱା ସ୍ଥାନାନ୍ତରିତ ହୋଇଯାଇଛୁ ଯେଉଁଠି ଜମାଅତ୍‌ର ହସ୍ପିଟାଲ ରହିଛି । ମୋର ସ୍ୱାମୀ ଅର୍ଥାତ୍ ସ୍ୱର୍ଗତା ଅମତୁଲ୍ ମୁସୱିର୍ ନୁରୀ ସାହେବାଙ୍କ ସ୍ୱାମୀ ଡାକ୍ତର ମସ୍‌ଉଦୁଲ୍ ହସନ୍ ସାହେବ ସେଠାରେ (ତାହିରେ ହାର୍ଟ ହସ୍ପିଟାଲ୍‌ରେ) କାମ କରନ୍ତି । ମହୋଦୟା ନିର୍ଭୟରେ ଏକଥା କହିଦେଲେ । ଆମେମାନେ ଚିନ୍ତିତ ହେଉଥିଲୁ । ଅଲ୍ଲାଃତାଲା ସ୍ୱର୍ଗତାଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ସ୍ୱର୍ଗତାଙ୍କ ସ୍ତରକୁ ଉନ୍ନୀତ କରନ୍ତୁ ।"

ହୁଜୁର ଅନ୍‌ୱର ଅ.ବ କହିଲେ, ପରବର୍ତ୍ତୀ ଚର୍ଚ୍ଚା ହେଉଛି ସମ୍ମାନନୀୟ ସ୍ୱର୍ଗତ ହସନ୍ ସାନୁଗୋ ଅବୁ ବକ୍କର ସାହେବଙ୍କର । ଆପଣ ବୁର୍କିନାଫାସୋର ମୁବଲ୍ଲିଗ୍ ସିଲ୍‌ସିଲା ଥିଲେ । ବିଗତ ଦିନ 63 ବର୍ଷ ବୟସରେ ଆପଣଙ୍କର ବିୟୋଗ ହୋଇଯାଇଛି । إِنَّا لِلّٰهِ وَإِنَّا إِلَيْهِ رَاجِعُوْنَ । ପବିତ୍ର ଏବଂ କଲ୍ୟାଣମୟ ରମ୍‌ଜାନ୍ ମାସରେ ଆପଣ ଜୁରା ଭାଷାରେ ପବିତ୍ର କୁରଆନ୍ କରୀମ୍‌ର ଦରସ୍ ଦେଉଥିଲେ । ଏହି ଦରସ୍ ରେଡ଼ିଓ ଇସ୍‌ଲାମିକ୍ ଅହମଦିୟାରେ ପ୍ରସାରିତ ହେଉଥିଲା । ମୃତ୍ୟୁର ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ 22 ମାର୍ଚ୍ଚ ଦିନ ସେ ଦରସ୍ ଦେଇଥିଲେ । ପ୍ରାରମ୍ଭିକ ଶିକ୍ଷା ଆପଣ ବୋବୋ ଜଲାସୁସ୍‌ରେ ପ୍ରାପ୍ତ କରିଥିଲେ । ବୋବୋ ଜଲାସୁସ୍ ବୁର୍କିନାଫାସୋର ଏକ ସହର ଅଟେ । ପୁନଶ୍ଚ ଉଚ୍ଚ ଶିକ୍ଷା ନିମନ୍ତେ ଆପଣ ମୋରିତାନିୟା ଠାକୁ ଚାଲିଗଲେ । ସେଠାରେ ଶିକ୍ଷାର୍ଜନ ପରେ ଅର୍ଥାତ୍ ସର୍ବୋଚ୍ଚ ଶିକ୍ଷା ଆହରଣ କରିବା ପରେ ଯାମିଅତୁଲ୍ ଅଜ୍‌ହର୍ ମିସର ଚାଲିଗଲେ । ଆରବୀ ଭାଷାରେ ସର୍ବୋଚ୍ଚ ଶିକ୍ଷା ଏବଂ ଆରବୀ ଭାଷା କଥନରେ ଭଲ ଭାବରେ ଅଭିଜ୍ଞତା ପ୍ରାପ୍ତ କରି ସାରିବା ପରେ ଆପଣ ଫିରେଥିଲ । ଆପଣ ଯାମିୟା ଅଲ୍ ଅଜ୍‌ହର୍‌ରୁ ଫେରି ଆଇଭରୀକୋଷ୍ଟ ଦେଶରେ ଅବସ୍ଥାନ କରିଥିଲେ ଏବଂ ଏଠାରେ ଏକ ମାଦ୍ରାସା ସ୍ଥାପନ କଲେ । ସେହି ମାଦ୍ରାସାରେ ଶତାଧିକ ଛାତ୍ରମାନେ ଶିକ୍ଷା ଆହରଣ କରୁଥିଲେ । ମହୋଦୟ ନିଜର ଅଗ୍ନିମୂଳକ ବର୍ଣ୍ଣନା ଓ ଉତ୍ତମ ଭାଷା କଥନ ଶୈଳୀ ଯୋଗୁଁ ଆଇଭରୀକୋଷ୍ଟରେ ପ୍ରସିଦ୍ଧ ହୋଇଯାଇଥିଲେ । ଅର୍ଥାତ୍ ବର୍ତ୍ତମାନ ଆପଣ ଅହେମଦି ହୋଇ ନଥିଲେ । ମୁବଲ୍ଲିଗିନ୍‌ମାନେ ଯେତେବେଳେ ସେହି ଅଞ୍ଚଳରେ ତବ୍‌ଲିଗ୍ କଲେ ସେତେବେଳେ ବିରୋଧୀମାନେ ଅହେମଦିମାନଙ୍କ ସହିତ ମୁକାବିଲା କରିବା ନିମନ୍ତେ ଅବୁ ବକ୍କର ସାହେବଙ୍କୁ ଉପସ୍ଥାପିତ କଲେ । ଅବୁ ବକ୍କର ସାହେବ ନିଜର ଭାଷାଜ୍ଞାନ ଯୋଗୁଁ ଖୁବ୍ ଗର୍ବିତ ଥିଲେ । ସେ ସ୍ୱୟଂ କୁହନ୍ତି ଯେ, ଯେଉଁ ଦିନ ବିତର୍କ ଆରମ୍ଭ ହେଲା, ଅର୍ଥାତ୍ ମୁକବିଲା ଯେଉଁ ଦିନ ଥିଲା ସେ ଦିନ ସେ ବଡ଼ ଲମ୍ବା ପୋଷାକ ପିନ୍ଧି ଅତ୍ୟନ୍ତ ଆଡ଼ମ୍ବର ପୂର୍ଣ୍ଣ ଭାବରେ ଆସିଲେ ଏବଂ କହିଲେ ଆଜି ମୁଁ ଅହେମଦିମାନଙ୍କୁ ପରାସ୍ତ କରି ବିଖ୍ୟାତ ହୋଇଯିବି ଓ ଉଚ୍ଚ ମର୍ଯ୍ୟାଦା ପ୍ରାପ୍ତ କରିନେବି। କିନ୍ତୁ ଅଲ୍ଲାଃତାଲା ତାଙ୍କ ସ୍ୱଭାବରେ ପୁଣ୍ୟ ରଖିଥିଲେ । ଖୁବ୍ ଶୀଘ୍ର ସେ ଅନୁଭବ କଲେ ଯେ, ସତ୍ୟ ଅହମଦିମାନଙ୍କ ସହିତ ରହିଛି ଏବଂ ପ୍ରମାଣ ମଧ୍ୟ ଅହମଦିମାନଙ୍କ ସହିତ ରହିଛି । ତାଙ୍କୁ "**ଅଲ୍ କୌଲୁସ୍ ସରିହ୍**" ନାମକ ପୁସ୍ତକ ଦିଆଗଲା । ସେହି ପୁସ୍ତକକୁ ଅଧ୍ୟୟନ କରିବା ପରେ ଆବି ଜାନ୍ ଠାରେ ଜମାଅତ୍ ଅହମଦିୟାର ମୁବଲ୍ଲିଗ୍ ଅବ୍‌ଦୁର୍ ରହ୍‌ମାନ କୋନାତେ ସାହେବଙ୍କ ସହିତ ତାଙ୍କର ବାକ୍‌ଯୁଦ୍ଧ ହୋଇଥିଲା । ଅଲ୍ଲାଃତାଲା ତାଙ୍କର ମାର୍ଗଦର୍ଶନ କଲେ ଏବଂ ସେ ଯଥାଶୀଘ୍ର ସାହସିକତାର ସହିତ ଅହମଦିୟତ୍ ସ୍ୱୀକାର କରିନେଲେ । ଉପରୋକ୍ତରେ ଯେଉଁ ଘଟଣାବଳୀଟି ବର୍ଣ୍ଣିତ ହୋଇଛି ତାହା ସ୍ୱର୍ଗତଙ୍କର 1986 ମସିହାର ଘଟଣା ଅଟେ । ସେତେବେଳେ ଆପଣ ଯୁବକଟିଏ ଥିଲେ । ଆପଣଙ୍କୁ 24, 25 ବର୍ଷ ବୟସ ହୋଇଥିଲା ।

ବୈଅତ୍ କରିବା ପରେ ଆପଣ ନିଜର ମାଦ୍ରାସା ଓ ନିଜର ମର୍ଯ୍ୟାଦା ଏବଂ ପ୍ରତିଷ୍ଠାକୁ ପରିତ୍ୟାଗ କରିଦେଲେ । ସେ କାଳରେ ଆଇଭରୀ କୋଷ୍ଟରେ ଫ୍ରେଞ୍ଚ୍ ଅହମଦି ଛାତ୍ରଙ୍କ ନିମନ୍ତେ ଏକ ସଂକ୍ଷିପ୍ତ ପାଠ୍ୟ ତଥା ସଂକ୍ଷିପ୍ତ ଶିକ୍ଷା ହେଉଥିଲା । ସେ ସେହି କୋର୍ସରେ ନାମ ଲେଖାଇଲେ ଏବଂ ନିଜର ଜୀବନକୁ ଉତ୍ସର୍ଗ କରିଦେଲେ । ଖୁବ୍ ଶୀଘ୍ର ଜମାଅତ୍‌ର ଜଣେ ଉତ୍କୃଷ୍ଟ ମୁବଲ୍ଲିଗ୍ ହୋଇଗଲେ । ସ୍ୱର୍ଗତ ଅବୁ ବକ୍କର ସାହେବଙ୍କୁ ନିଜର ମାତୃଭାଷା ଜୁଲାରେ ଭାଷଣ ଦେବାରେ ଖୁବ୍ ପାରଙ୍ଗମ ଓ ସିଦ୍ଧହସ୍ତ ଥିଲେ। ଆପଣ ଉଚ୍ଚ ସ୍ୱରରର ଅଧିକାରୀ ଓ ଓଜସ୍ୱିନୀ କଥନଶୈଳୀ ଆପଣଙ୍କର ଥିଲା। ଶ୍ରୋତାମଣ୍ଡଳୀଙ୍କୁ ଆକୃଷ୍ଟ କରି ନେଉଥିଲା । ଇଦ୍ରିସ୍ ଶାହିଦ୍ ସାହେବଙ୍କର ଭାଷଣ 1990 ମସିହାରେ ବୁର୍କିନାଫାସୋ ଠାରେ ହୋଇଥିଲା । ସେ ଆଇଭରୀକୋଷ୍ଟରୁ ସମ୍ମାନନୀୟ ଅବୁ ବକ୍କର ସାନୁଗୋ ସାହବଙ୍କୁ ବୁର୍କିନାଫାସୋ ଆଣିବା ନିମନ୍ତେ ସ୍ୱୀକୃତି ନେଇ ଆସିଲେ । ଏଠାରେ ତବ୍‌ଲିଗ୍‌ର ଯେଉଁ ଜିହାଦ୍ ରହିଥିଲା ତହିଁରେ ଆପଣ ଅଂଶ ଗ୍ରହଣ କଲେ ଏବଂ ଯଥାଶୀଘ୍ର ଜୁଲା ଭାଷା କହୁଥିବା ଅଞ୍ଚଳରେ ସଫଳତା ମିଳିବା ଆରମ୍ଭ ହୋଇଗଲା । ଏଠାରେ ତବ୍‌ଲିଗ୍ ମାଧ୍ୟମରେ ଅନେକ ନୂତନ ଜମାଅତ୍ ସ୍ଥାପନ ହୋଇଗଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, 1992 ମସିହାରେ ବୁର୍କିନାଫାସୋର ଡୋରୀ ନାମକ ଏକ ଅଞ୍ଚଳ ରହିଛି ଯେଉଁଠି ଆମର ଅହେମଦିମାନେ ଶହୀଦ୍ ମଧ୍ୟ ହୋଇଥିଲେ। ସେଠାରେ ଅବୁ ବକ୍କର ସାହେବଙ୍କୁ ପ୍ରେରଣ କରାଯାଇଥିଲା । ସେହି ଅଞ୍ଚଳରେ ଆରବୀ ଭାଷା କହିବା ସାଧାରଣ କଥା ଅଟେ । ଏଠାକାର ବିଦ୍ୱାନ୍‌ମାନେ ଆରବୀ ଭାଷାଜ୍ଞାନକୁ ଲୋକମାନଙ୍କୁ ଦେଖାଇ ହୋଇ କୁହନ୍ତି ଏବଂ ଲୋକମାନଙ୍କୁ ପ୍ରଭାବିତ କରିବା ନିମନ୍ତେ ଉଦ୍ୟମ ମଧ୍ୟ କରୁଥିଲେ । ଏଠାରେ ସ୍ୱର୍ଗତ ଅବୁ ବକ୍କର ସାହେବ ବଡ଼ ବଡ଼ ବିଦ୍ୱାନ୍‌ମାନଙ୍କ ସହିତ ବିତର୍କ ଏବଂ ବାକ୍‌ଯୁଦ୍ଧ ମଧ୍ୟ କଲେ ଏବଂ ସେମାନଙ୍କୁ ଆପଣ ପରାସ୍ତ ମଧ୍ୟ କଲେ । ଆପଣ ଦୂରବର୍ତ୍ତୀ ଅଞ୍ଚଳମାନଙ୍କରେ ତବ୍‌ଲିଗ୍ ମଧ୍ୟ କଲେ । ଏପର୍ଯ୍ୟନ୍ତକି ଅଣଅହମଦି ବିଦ୍ୱାନ୍‌ମାନେ ଆପଣଙ୍କ ସମ୍ମୁଖକୁ ଆସିବାକୁ ବର୍ତ୍ତିବାକୁ ପ୍ରୟାସ କରୁଥିଲେ ଏବଂ ବିତର୍କ ଓ ବାକ୍‌ଯୁଦ୍ଧ କରିବାରୁ ଘାବ୍‌ରୋଉଥିଲେ। ଆପଣ ସମଗ୍ର ଅଞ୍ଚଳରେ ବରିଷ୍ଠ ଶେଖ୍ ଓ ବିଦ୍ୱାନ୍ ରୂପେ ବିଖ୍ୟାତ ହୋଇଗଲେ । ସେହି ଅଞ୍ଚଳରେ ବହୁ ସଂଖ୍ୟାରେ ଜମାଅତ୍ ସ୍ଥାପନ ହେଲା । ସେହିପରି 1991 ମସିହାରେ ଆପଣଙ୍କ ଯୋଗାଯୋଗ ତଥା ସାକ୍ଷାତ୍ ମେହଦୀୟାବାଦ୍‌ର ଶହୀଦ୍ ଇମାମ୍ ଇବ୍ରାହିମ୍ ବଦିଗା ସାହେବଙ୍କ ଓ ତାଙ୍କର ସାଥିମାନଙ୍କ ସହିତ ହୋଇଥିଲା । ଇବ୍ରାହିମ୍ ବଦିଗା ସାହେବ ଯଥାଶୀଘ୍ର ବୈଅତ୍ କରିନେଲେଏବଂ ଏତଦ୍‌ପେର 2023 ମସିହାରେ ଶାହାଦତ୍‌ର ମର୍ଯ୍ୟାଦା ପ୍ରାପ୍ତ କରି ଅହେମଦିୟତ୍‌ର ଉଦୀୟମାନ ତାରକା ହୋଇଗଲେ।

ହୁଜୁର ଅନ୍‌ୱର୍ ଅ.ବ କହିଲେ 2002 ମସିହାରେ ବୋବୋ ଜଲାସୁ ଠାରେ ଯେତେବେଳେ ଅହମଦିୟତ୍ ଜଗତର ପ୍ରଥମ ରେଡ଼ିଓ ଷ୍ଟେସନ ସ୍ଥାପନ ହେଲା ସେତେବେଳେ ଅବୁ ବକ୍କର ସାହେବ ରେଡ଼ିଓରେ ଆଗ ଧାଡ଼ିର ବକ୍ତା ଥିଲେ । ଆପଣ ଅତ୍ୟନ୍ତ ଉତ୍ସାହପୂର୍ଣ୍ଣ **ଦାଇ ଇଲଲ୍ଲାଃ** ଥିଲେ । ଆପଣଙ୍କ ତବ୍‌ଲିଗ୍ ମାଧ୍ୟମରେ ଲକ୍ଷ ଲକ୍ଷ ଲୋକମାନଙ୍କ ପର୍ଯ୍ୟନ୍ତ ଅହମଦିୟତ୍‌ର ବାର୍ତ୍ତା ପହଞ୍ଚିଲା ଏବଂ ସହସ୍ର ସହସ୍ର ଲୋକମାନଙ୍କୁ ଅହମଦିୟତ୍ ସ୍ୱୀକାର କରିବା ନିମନ୍ତେ ସାମର୍ଥ୍ୟ ପ୍ରାପ୍ତ ହେଲା । ଅନେକ ବର୍ଷ ଧରି ଆପଣ ଜାତୀୟ ମଜ୍‌ଲିସେ ଆମିଲାରେ ସେବା ସମ୍ପାଦନ କରିବାକୁ ସାମର୍ଥ୍ୟ ପ୍ରାପ୍ତ ହୋଇଥିଲା । ମୃତ୍ୟୁ ପର୍ଯ୍ୟନ୍ତ ଆପଣ ସେକ୍ରେଟାରୀ ରିସ୍ତାନାତା ଥିଲେ। 2012 ମସିହାରେ ଆପଣ ମାଲି ଦେଶର ଶିକାଶୋ ସହରରେ ହୋଇଥିଲେ । ଏଠାରେ ଆପଣଙ୍କୁ ଅସାଧାରଣ ସେବା ସମ୍ପାଦନ କରିବାକୁ ସାମର୍ଥ୍ୟ ପ୍ରାପ୍ତ ହେଲା । ବୋବୋ ଜଲାସୋ ଠାରେ କେତେକ ଯୁବକମାନେ ଜମାଅତ୍ ଅହମଦିୟା ବିରୁଦ୍ଧରେ ଉପଦ୍ରବ କଲେ ସେତେବେଳେ ମୁଁ (ଖଲିଫା ଖାମିସ୍ ଅ.ବ) ସ୍ୱର୍ଗତ ଅବୁ ବକ୍କର ସାହେବଙ୍କୁ ପୁନଃ ବୋବୋ ଜଲାସୋ ପ୍ରେରଣ କରିଦେଲି । ସେଠାରେ ଆପଣଙ୍କ ବଦଳି ହୋଇଥିଲା। ଏପର୍ଯ୍ୟନ୍ତକି ଆପଣଙ୍କୁ ସେଠାକାର ସଦର୍ ଜମାଅତ୍ ଭାବରେ ନିଯୁକ୍ତ କରାଗଲା । ସେ ଅତ୍ୟନ୍ତ ସାହସିକତା, ତାତ୍ତ୍ୱିକତାର ସହିତ ଓ ପରିଶ୍ରମର ସହିତ ତଥା ଦୁଆର ସହିତ ଏହି ଉପଦ୍ରବକୁ ସମାପ୍ତ କରିଦେଲେ ଏବଂ ସମସ୍ତ ଲୋକମାନେ ନୂତନ ରୂପେ ବୈଅତ୍ ସ୍ୱୀକାର କଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ମଧ୍ୟରେ ମାତାଶ୍ରୀ, ଭାଇ, ପତ୍ନି, ତିନୋଟି ସନ୍ତାନ ଓ ନାତି ନାତୁଣୀମାନେ ଅନ୍ତର୍ଭୁକ୍ତ ଅଟନ୍ତି । ସ୍ୱର୍ଗତ ଅବୁ ବକ୍କର ସାହେବଙ୍କ ପତ୍ନି କୋଲିବାଲି ସାହେବା କୁହନ୍ତି: "ସ୍ୱର୍ଗତ ସ୍ୱାମୀ ମହୋଦୟ ସର୍ବଦା ଇସ୍‌ଲାମ୍ ଧର୍ମର ସେବା କରିବା ନିମନ୍ତେ ତତ୍ପର ରହୁଥିଲେ । ସ୍ୱାସ୍ଥ୍ୟାବସ୍ଥା ଭଲ ନଥିବା ସତ୍ତ୍ୱେ ମଧ୍ୟ ସର୍ବଦା ଜମାଅତ୍‌ର କାର୍ଯ୍ୟକ୍ରମ ଏବଂ ତବ୍‌ଲିଗି ଗସ୍ତକୁ ପ୍ରାଧାନ୍ୟ ଦେଉଥିଲେ । ବେଳେବେଳେ ମୁଁ ସ୍ୱାମୀଙ୍କୁ କହୁଥିଲି ଯେ, ହେଇଟି ଶୁଣୁଛ! ଆପଣଙ୍କର ସ୍ୱାସ୍ଥ୍ୟାବସ୍ଥା ଠିକ୍ ନାହିଁ, ଆପଣ ଟିକେ ବିଶ୍ରାମ କରି ନିଅନ୍ତୁ । ପ୍ରତ୍ୟୁତ୍ତରରେ ସ୍ୱାମୀ ମହୋଦୟ କହୁଥିଲେ, ହେ ମୋ ପ୍ରିୟ ପତ୍ନୀ ! ମୁଁ ପରା ମୋ ଜୀବନକୁ ୱକ୍‌ଫ୍ (ଉତ୍ସର୍ଗ) କରିଦେଇଛି ଏବଂ ନିଜ ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଧର୍ମ ସେବା କରିବା ନିମନ୍ତେ ନିମଜ୍ଜିତ ରହିବି । ପତ୍ନି ମହୋଦୟା କୁହନ୍ତି ଯେତେବେଳେ ଆମର ବିବାହ ହେଲା ମୁଁ ଦେଖିଲି ଯେ, ଏମିତି କୌଣସି ଦିନ ଆସି ନାହିଁ ସେ ଏହା କହିଥିବେ ଯେ, ଆଜି ମୁଁ ଅସୁସ୍ଥତା ଯୋଗୁଁ ନମାଜ୍ ତହଜ୍ଜୁଦ୍ ପାଠ କରି ପାରିବି ନାହିଁ । ସେ କେବେ ବି ଏପରି କହି ନାହାନ୍ତି । ମୁଁ ଦେଖିଛି ଯେ, ଯେତେବେଳେ କୌଣସି ଜମାଅତ୍‌ର ପ୍ରସଙ୍ଗ କିମ୍ବା ଧର୍ମ ସେବା କରିବା ନିମନ୍ତେ ସୁଯୋଗ ପ୍ରାପ୍ତ ହେଉଥିଲା ସେତେବେଳେ ଆପଣ ତୁରନ୍ତ ସେହି ବ୍ୟକ୍ତିର ସାହାଯ୍ୟ କରୁଥିଲେ । ନିଃସନ୍ଦେହ ଆପଣ ଅସୁସ୍ଥ ହେବା ସତ୍ତ୍ୱେ ମଧ୍ୟ ଅଭାବିମାନଙ୍କୁ ସାହାଯ୍ୟ କରୁଥିଲେ । ଆପଣ ସାକ୍ଷାତ୍‌କର୍ତ୍ତା, ଆତ୍ମୀୟ ସ୍ୱଜନ, ପରିବାର ବର୍ଗ ଓ ପଡ଼ୋଶୀମାନଙ୍କ ସହିତ ସଦ୍‌ବ୍ୟବହାର ପ୍ରଦର୍ଶନ କରୁଥିଲେ। ପ୍ରତ୍ୟେକ ସଦସ୍ୟ ସହିତ ପ୍ରେମ ଓ ଆନ୍ତରୀକତାର ସହିତ ସାକ୍ଷାତ୍ କରୁଥିଲେ । ଆପଣ ଜଣେ ଆଦର୍ଶ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ପବିତ୍ର କୁରଆନ୍ କରୀମ୍‌କୁ ବହୁତ ଭଲ ପାଉଥିଲେ ଏବଂ ରସୁଲୁଲ୍ଲାଃ ସ.ଅଙ୍କୁ ମଧ୍ୟ ବହୁତ ଭଲ ପାଉଥିଲେ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଜଣେ ୱାକ୍‌ଫେ ଜିନ୍ଦୀ (ଉତ୍ସର୍ଗୀକୃତ ଜୀବନ) ଓ ଜଣେ ମୁବଲ୍ଲିଗ୍ ସିଲ୍‌ସିଲାର ଏ ହେଉଛି ଆଦର୍ଶ ଏବଂ ଉଦାହରଣ ଯାହାକୁ ଆମର ମୁବଲ୍ଲିଗିନ୍‌ମାନଙ୍କୁ ନିଜ ସମ୍ମୁଖରେ ରଖିବା ଉଚିତ୍ । ଅଲ୍ଲାଃତାଲା ଏହିପରି ୱକଫ୍‌ର ଆତ୍ମା ରଖୁଥିବା ଅସ୍ତିତ୍ୱ (ବ୍ୟକ୍ତି) ଜମାଅତ୍‌କୁ ପ୍ରଦାନ କରନ୍ତୁ । ଆମିନ୍ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବୁର୍କିନାଫାସୋର ପୂର୍ବତନ ଅମୀର୍ ଜମାଅତ୍ ଇଦ୍ରିସ୍ ଶାହିଦ୍ ସାହେବ ଉଲ୍ଲେଖ କରନ୍ତି, ସ୍ୱର୍ଗତ ଅବୁ ବକ୍କର୍ ସାହେବ ଅତ୍ୟନ୍ତ ପରିଶ୍ରମର ସହିତ ତବ୍‌ଲିଗ୍‌ର କାର୍ଯ୍ୟ ସମ୍ପାଦନ କଲେ ଓ ଅତ୍ୟନ୍ତ ଉତ୍ତମ ଢଙ୍ଗରେ ତବ୍‌ଲିଗର କାର୍ଯ୍ୟ ସମ୍ପାଦନ କଲେ । ସ୍ମିତହାସ୍ୟମୂଳକ ମୁଖ, ଜ୍ଞାନ ଦୃଷ୍ଟିରୁ ବଳିଷ୍ଠ ପ୍ରମାଣ ଓ ସର୍ବଦା ସେବା କରିବାର ସର୍ବୋଚ୍ଚ ସ୍ତର ସ୍ଥାପନ କରିବା ନିମନ୍ତେ ଉଦ୍ୟମ କରୁଥିଲେ । ସ୍ଥାନୀୟ ମୁବଲ୍ଲିଗ୍ ଦରାବୋ ଅଲ୍ ହସନ୍ ସାହେବ କୁହନ୍ତି ଯେ, ଶିକ୍ଷକ ଅବୁ ବକ୍କର ସାହେବ ରସୁଲୁଲ୍ଲାଃ ସ.ଅଙ୍କର ଜଣେ ପ୍ରକୃତ ପ୍ରେମୀ ଥିଲେ । ଦିନେ

ଆପଣ ସୁରାଃ ଅହ୍ଜାବ୍‌ର 34 ନଂ ଆୟତ୍‌ର ବ୍ୟାଖ୍ୟା କରି ଆଁହଜରତ ସ.ଅଙ୍କ ହ. ଜୈନବ୍ ର.ଅଙ୍କ ସହିତ ବିବାହ ପ୍ରସଙ୍ଗ ସଂକ୍ରାନ୍ତରେ ଅଣଅହମଦି ମୌଲବୀମାନଙ୍କର ନିରର୍ଥକ ଚର୍ଚ୍ଚା କରି ଆପଣ (ଅବୁ ବକ୍କର ସାହେବ)ଙ୍କ ଚକ୍ଷୁରେ ଲୁହ ଆସିଗଲା । ଅର୍ଥାତ୍ ଏହି ଅଣଅହମଦି ଲୋକମାନେ କିପରି ଏହି ଲୋକମାନେ ନିଜର ଅବୋଧତା ଏବଂ ବାହ୍ୟ ପ୍ରକାରର ବିବୃତି ଏବଂ ବର୍ଣ୍ଣନା ବିଶ୍ୱ ବ୍ରହ୍ମାଣ୍ଡର ବାର୍ତ୍ତାବହ ଆଁହଜରତ ସ.ଅଙ୍କ ଆଡ଼କୁ ଇଙ୍ଗିତ କରିଛନ୍ତି । ବର୍ତ୍ତମାନ ଏହି ଲୋକମାନେ ଯେଉଁମାନେ ଆଁହଜରତ ସ.ଅଙ୍କ ସଂକ୍ରାନ୍ତର ଏଭଳି ମନ୍ତବ୍ୟ ଦିଅନ୍ତି ତେବେ କ'ଣ ଏମାନେ ଆଁହଜରତ ସ.ଅଙ୍କ ଅବତାରତ୍ୱମୂଳକ ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରୁ ନାହାନ୍ତି କି ? କିନ୍ତୁ ଅହମଦିମାନେ ଯଦି ଆଁହଜରତ ସ.ଅଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରନ୍ତି ତେବେ ସେହି ଅଣଅହମଦିମାନେ କୁହନ୍ତି ଯେ, ଅହେମଦିମାନେ ଆଁହଜରତ ସ.ଅଙ୍କ ମର୍ଯ୍ୟାଦା ହାନୀ କରୁଛନ୍ତି ବା ଆଁହଜରତ ସ.ଅଙ୍କ ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରୁଛନ୍ତି । ଅହମଦିମାନେ ଯଦି ନିଜ ତୁଣ୍ଡରେ ଆଁହଜରତ ସ.ଅଙ୍କ ନାମ ନିଅନ୍ତି ତେବେ ଅହମଦିମାନେ ଆଁହଜରତ ସ.ଅଙ୍କ ମର୍ଯ୍ୟାଦାକୁ କ୍ଷୁର୍ଣ୍ଣକାରୀ ଅଟନ୍ତି । ସ୍ୱର୍ଗତ ଅବୁ ବକ୍କର ସାହେବ ଗସ୍ତ ସମୟରେ ମଧ୍ୟ ନିୟମିତ ନମାଜ୍ ତେହଜୁଦ୍ ପାଠ କରୁଥିଲେ । ଖିଲାଫତ୍ ସହିତ ଆପଣଙ୍କର ବିଶ୍ୱସ୍ତତା ପୂର୍ଣ୍ଣ ସଂପର୍କ ରହିଥିଲା । ଯଦି କୌଣସି ବ୍ୟକ୍ତି ଜମାଅତ୍ ବିରୁଦ୍ଧରେ କୌଣସି କଥା କହୁଥିଲା ସେତେବେଳେ ଆପଣ ସର୍ବଦା ଫୁଙ୍ଗୁଳା ଖଡ଼୍‌ଗ ପରି ଜମାଅତ୍‌ର ରକ୍ଷା ଏବଂ ସପକ୍ଷରେ ସମ୍ମୁଖକୁ ଆସି ଯାଉଥିଲେ । ଆପଣ କେବେ ବି କାହା ସହିତ ବୈରାଗ୍ୟ ଏବଂ ବିଦ୍ୱେଷାଭାବ ରଖି ନଥିଲେ । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ସ୍ୱର୍ଗତଙ୍କ ସ୍ତରକୁ ଉନ୍ନୀତ କରନ୍ତୁ । **ଆମିନ୍** । ଅଲ୍ଲାଃତାଲା ସ୍ୱର୍ଗତଙ୍କ ସନ୍ତାନମାନଙ୍କୁ ମଧ୍ୟ ସ୍ୱର୍ଗତଙ୍କ ପୁଣ୍ୟାବଳୀଗୁଡ଼ିକୁ ଅବ୍ୟାହତ ରଖିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ ଓ ସ୍ୱର୍ଗତଙ୍କର ଦୁଆର ଅଧିକାରୀ କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ । **(ଅଲଫଜଲ୍ ଇଣ୍ଟରନ୍ୟାସନଲ୍, 16 ମେ 2025 ମସିହା, ପୃ-2-7)**

☆--☆--☆

## ପୃ-2ରେ ବର୍ଣ୍ଣିତ ଖୁତ୍‌ବା ଜୁମାର ଅବଶିଷ୍ଟାଂଶ....

ଇସ୍‌ଲାମ୍ ଧର୍ମରେ କେତେକ ଭ୍ରମାତ୍ମକ ବିଶ୍ୱାସ ସୃଷ୍ଟି ହୋଇଯାଇଛି । ସେହି ସବୁ ଦୋଷ ଦୁର୍ବଳତା, କୁବିଶ୍ୱାସ, କୁରୀତି ଠାରୁ ମୁଁ ସଂସାରକୁ, ଇସ୍‌ଲାମ୍ ଧର୍ମକୁ ରକ୍ଷା କରିବାକୁ ଚାହୁଁଛି ଏବଂ ପ୍ରକୃତ ଧର୍ମ ହେଉଛି ପବିତ୍ର କୁରଆନ୍ କରୀମର ଶିକ୍ଷା । ଏହି ଶିକ୍ଷାକୁ ଆମମାନଙ୍କୁ ପ୍ରଚଳନ କରିବା ଉଚିତ୍ ଏବଂ ଏହା ହିଁ ମୋ ଆଗମନର ପରମ ଅଭିପ୍ରାୟ ଅଟେ । ଏହିପରି ଭାବରେ ଅନ୍ୟ ଯେଉଁ ମିଥ୍ୟାଧର୍ମଗୁଡ଼ିକ ରହିଛନ୍ତି ସେହି ଧର୍ମଗୁଡ଼ିକର ସତ୍ୟତାକୁ ମୁଁ ଉନ୍ମୋଚିତ (ଖୋଲିବାକୁ) ଚାହୁଁଛି । ଏହା ହିଁ ମୋର ପରମ ଅଭିପ୍ରାୟ ଅଟେ । ଇସ୍‌ଲାମୀୟ ଆଲୋକକୁ ଦେଖାଇବା ହିଁ ମୋର ପରମ ଅଭିପ୍ରାୟ ଅଟେ । ଆଁହଜରତ ସ.ଅଙ୍କ ମର୍ଯ୍ୟାଦା ଏବଂ ଗାରିମାକୁ ସଂସାରଲୋକରେ ସ୍ଥାପନ କରିବା ମୋର ମୁଖ୍ୟ ଉଦ୍ଦେଶ୍ୟ ତଥା ମୋର ପରମ ଅଭିପ୍ରାୟ ଅଟେ।"**(ମଲ୍‌ଫୁଜାତ୍, ଭାଗ-5, ପୃ-167, ସଂସ୍କରଣ ବର୍ଷ-1984)(ମଲ୍‌ଫୁଜାତ୍, ଭାଗ-1, ପୃ-310, ସଂସ୍କରଣ ବର୍ଷ-1984ରୁ ଉଦ୍ଧୃତ)**

ଆପଣ ଅ.ସ ଆଁହଜରତ ସ.ଅଙ୍କ ମର୍ଯ୍ୟାଦା ସଂପର୍କରେ ଏକ ସ୍ଥଳେ କହିଛନ୍ତି: "ମନେରଖ ! ପବିତ୍ର କୁରଆନ୍ କରୀମ୍ ପ୍ରେରଣ କରିବା ଏବଂ ଆଁହଜରତ ସ.ଅଙ୍କ ଅବତାରତ୍ୱ ପୂର୍ବରୁ ଅଲ୍ଲାଃତାଲା ଏହା ଚାହିଁଲେ ଯେ, ସଂସାର ସମ୍ମୁଖରେ ମହାନ୍ ଦୟାର ଉଦାହରଣ ସେ ପ୍ରଦର୍ଶନ କରିବେ । ଯେପରିକି ଅଲ୍ଲାଃତାଲା ପବିତ୍ର କୁର୍‌ଆନ୍ କରୀମ୍‌ରେ କୁହନ୍ତି وَمَآ اَرْسَلْنٰكَ اِلَّا رَحْمَةً لِّلْعٰلَمِيْنَ । ସେହିପରି ପବିତ୍ର କୁର୍‌ଆନ୍ କରୀମ୍‌ର ପ୍ରେରଣ କରିବାର ଯେଉଁ ଅଭିପ୍ରାୟ ରହିଥିଲା ତାହା ଏହିକି ଯେ, هُدًى لِّلْمُتَّقِيْنَ ଏହା ଏପରି ମହାନ୍ ଅଭିପ୍ରାୟ ଅଟେ ଯେ, ଏହାର ଦୃଷ୍ଟାନ୍ତ ଅନ୍ୟ କେଉଁଠି ବି ମିଳୁ ନାହିଁ ।" ସେଇଥି ପାଇଁ ଆପଣ ଅ.ସ କହିଲେ, "ଅଲ୍ଲାଃତାଲା ଏହା ଚାହିଁଲେ ଯେ, ଯେପରି ବିଭିନ୍ନ ବିଶେଷତା ଏବଂ ଚମତ୍କାରିକତା ନାନା ଅବତାରମାନଙ୍କ ମଧ୍ୟରେ ରହିଥିଲା ସେହି ସମସ୍ତ ବିଶେଷତାଗୁଡ଼ିକୁ ଆଁହଜରତ ସ.ଅଙ୍କ ଅସ୍ତିତ୍ୱରେ ଅଲ୍ଲାଃତାଲା ଏକତ୍ରିତ କରିଦେଲେ । ଯେପରି ସମସ୍ତ ପ୍ରକାରର ବିଶେଷତା ଅନ୍ୟ ପୁସ୍ତକମାନଙ୍କରେ ରହିଥିଲା ଠିକ୍ ସେହିପରି ବିଶେଷତା ପବିତ୍ର କୁର୍‌ଆନ୍ କରୀମ୍‌ରେ ଏକତ୍ରିତ କରିଦିଆଗଲା । ଯେପରି ବିଶେଷତା ଅନ୍ୟ ଧର୍ମାବଲମ୍ବୀମାନଙ୍କ ମଧ୍ୟରେ ରହିଥିଲା ଠିକ୍ ସେହିପରି ବିଶେଷତା ଏହି ଧର୍ମରେ ଅଲ୍ଲାଃତାଲା ଏକତ୍ରିତ କରିଦେଲେ। ଅତଏବ୍ ଅଲ୍ଲାଃତାଲା ଏହା ଚହୁଁଛନ୍ତି ଯେ, ଆମେମାନେ ସେହି ବିଶେଷତା ଏବଂ ପୂର୍ଣ୍ଣତ୍ୱତାକୁ ପ୍ରାପ୍ତ କରିନେଉ । ଏକଥା ମଧ୍ୟ ଭିଲିବା ଅନୁଚିତ୍ ଯେ, ଅଲ୍ଲାଃତାଲା ଯେପରି ମହାନ୍ ପୂର୍ଣ୍ଣତ୍ୱ ଏବଂ ବିଶେଷତା ଆମମାନଙ୍କୁ ପ୍ରଦାନ କରିବାକୁ ଚାହୁଁଛନ୍ତି ତଦନୁଯାୟୀ ସେ ଆମମାନଙ୍କୁ ଶକ୍ତି ମଧ୍ୟ ପ୍ରଦାନ କରିଛନ୍ତି । କାରଣ ଯଦି ତଦନୁଯାୟୀ ଶକ୍ତି ପ୍ରଦାନ କରାଯାଇ ନଥାଆନ୍ତା ତେବେ ଆମେମାନେ ସେହି ପୂର୍ଣ୍ଣତ୍ୱ ଏବଂ ବିଶେଷତାକୁ କୌଣସି ପରିସ୍ଥିତି ଏବଂ **(ଅବଶିଷ୍ଟାଂଶ....ପୃ-12ରେ)**

## ଯାମିୟା ଅହେମଦିୟା କାଦିୟାନ୍‌ରେ ନାମ ଲେଖାଇବା ନିମନ୍ତେ ଆଗ୍ରହୀ ଓ ଇଚ୍ଛୁକ ଅହେମଦି ଛାତ୍ରମାନେ ଦୟାକରି ଧ୍ୟାନ ଦିଅନ୍ତୁ ! ନାମଲେଖା ଜାରି ରହିଛି

ଯାମିୟା ଅହେମଦିୟା କାଦିୟାନ୍ ହ. ମସିହ୍ ମଉଦ୍ ଅ.ସଙ୍କ ଦ୍ୱାରା ସ୍ଥାପିତ ଏକ ପବିତ୍ର ଧାର୍ମିକ ଶିକ୍ଷାନୁଷ୍ଠାନ ଅଟେ । ଏଠାରେ ଏଯାବତ୍ ସହସ୍ରାଧିକ ବିଦ୍ୱାନ୍ ଏବଂ ମୁବଲ୍ଲିଗିନ୍‌ମାନେ ଶିକ୍ଷା ପ୍ରାପ୍ତ କରି ଇସ୍‌ଲାମ୍ ଧର୍ମର ପ୍ରକୃତ ଶିକ୍ଷାକୁ ପୃଥିବୀର କୋଣ ଅନୁକୋଣ ପର୍ଯ୍ୟନ୍ତ ପରିବ୍ୟାପ୍ତ କରିବାର କର୍ତ୍ତବ୍ୟ ସମ୍ପାଦନ କରି ଆସୁଛନ୍ତି । ସୟେଦିନା ହୁଜୁରେ ଅନ୍‌ୱର୍ ଅ.ବ ମଧ୍ୟ ଅନେକ ଅବସରରେ ଅହେମଦି ଛାତ୍ରମାନଙ୍କୁ ହ. ମସିହ୍ ମଉଦ୍ ଅ.ସଙ୍କ ଦ୍ୱାରା ସ୍ଥାପିତ ଏହି ପବିତ୍ର ଧାର୍ମିକ ଶିକ୍ଷାନୁଷ୍ଠାନରୁ ଶିକ୍ଷା ଆହରଣ କରିବା ସଂକ୍ରାନ୍ତରେ ସେବା କରିବା ପ୍ରତି ଧ୍ୟାନ ଆକର୍ଷଣ କରିଛନ୍ତି । ଅତଏବ୍ ସୟେଦିନା ହୁଜୁର ଅନ୍‌ୱର୍ ଅ.ବଙ୍କ ଆଦେଶାନୁକ୍ରମେ ଅଧିକରୁ ଅଧିକ ୱାକ୍‌ଫିନେ ନଅ ଓ ଅଣ ୱାକ୍‌ଫିନେ ନଅ ଛାତ୍ରମାନଙ୍କୁ ଯାମିୟା ଅହେମଦିୟା କାଦିୟାନ୍‌ରେ ନାମ ଲେଖାଇ ଶିକ୍ଷାର୍ଜନ କରିବା ପ୍ରସଙ୍ଗରେ ଧର୍ମ ସେବା କରିବା ନିମନ୍ତେ ନିଜକୁ ଉପସ୍ଥାପିତ କରିବା ଉଚିତ୍ । ଅତଏବ୍ ଯେଉଁ ଛାତ୍ରମାନେ ଯାମିୟା ଅହେମଦିୟାରେ ନାମ ଲେଖାଇବା ନିମନ୍ତେ ଇଚ୍ଛୁକ ଓ ଅଗ୍ରହୀ ଅଟନ୍ତି ସେମାନେ "ଶୋବା ୱକ୍‌ଫେ ନଅ ଭାରତ" (ୱକଫେ ନଅ ବିଭାଗ) କିମ୍ବା ନଜାରତ୍ ତାଲିମ୍ ସହିତ ଯୋଗାଯୋଗ କରନ୍ତୁ ଓ ଶୀଘ୍ରାତିଶୀଘ୍ର ଫର୍ମ (ଆବେଦନ ଫର୍ମ)ଟିକୁ ପୂରଣ କରି ତା-30-06-2025 ସୁଦ୍ଧା ୱକ୍‌ଫେ ନଅ ଭାରତ କାର୍ଯ୍ୟାଳୟ କିମ୍ବା ନଜାରତ୍ ତାଲିମିକୁ ପ୍ରେରଣ କରନ୍ତୁ ।

**ନାମ ଲେଖାଇବା ନିମନ୍ତେ ନିମ୍ନଲିଖିତ ସର୍ତ୍ତାବଳୀ ଉଦ୍ଦିଷ୍ଟ ରହିଛି:**

(1) ମ୍ୟାଟ୍ରିକ୍ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ନିମନ୍ତେ ଆବେଦନକାରୀ ଛାତ୍ରର ବୟସ 17 ବର୍ଷ ହୋଇଥିବା ଆବଶ୍ୟ ଏବଂ +2 ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ନିମନ୍ତେ ଆବେଦନକାରୀ ଛାତ୍ରର ବୟସ 19 ବର୍ଷ ହୋଇଥିବା ଆବଶ୍ୟକ । ଯେଉଁ ଛାତ୍ରମାନେ ପବିତ୍ର କୁରଆନ୍ କରୀମ୍ ମୁଖସ୍ତ କରିଛନ୍ତି ସେମାନଙ୍କର ବୟସ ସୀମା ଯଦି ଉପରୋକ୍ତରେ ବର୍ଣ୍ଣିତ ବୟସ ସୀମା ଠାରୁ ଅଧିକ ହୁଏ ତେବେ ସେ କ୍ଷେତ୍ରରେ ସେମାନଙ୍କ ପାଇଁ ବୟସ କୋହଳ କରିଦିଆଯିବ ।

(2) ଯାମିୟା ଅହେମଦିୟାରେ ନାମ ଲେଖାଇବା ନିମନ୍ତେ ଜାତୀୟ କ୍ୟାରିୟର୍ ପ୍ଲାନିଂ କମିଟି ୱକଫେ୍ ନଅ ଭାରତ ଛାତ୍ରମାନଙ୍କର ଇଣ୍ଟରଭ୍ୟୁ (ସାକ୍ଷାତ୍‌କାର) ଏବଂ ଲିଖିତ ପରୀକ୍ଷା ଆୟୋଜନ କରିବ ଓ ଯାମିୟା ଅହମଦିୟା ନିମନ୍ତେ ସେହି ଛାତ୍ରମାନଙ୍କୁ Select (ଚୟନ) କରିବ ଯେଉଁମାନେ ଉପରୋକ୍ତ ସର୍ତ୍ତକୁ ପୂରଣ କରୁଥିବେ । ଲିଖିତ ପରୀକ୍ଷାରେ ପବିତ୍ର କୁରଆନ୍ କରୀମ୍, ଇସ୍‌ଲାମ୍, ଅହମଦିୟତ୍, ଦିନି ମାଲୁମାତ୍, ଉର୍ଦ୍ଦୁ, ଇଂରାଜୀ ଏବଂ ସାଧାରଣ ଜ୍ଞାନରୁ ପ୍ରଶ୍ନ ପଡ଼ିବ ।

(3) ଲିଖିତ ପରୀକ୍ଷାରେ ଏବଂ ସାକ୍ଷାତ୍‌କାରରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କର ନୁର୍ ହସ୍‌ପିଟାଲ୍ କାଦିୟାନ୍‌ରେ ମେଡ଼ିକାଲ୍ ପରୀକ୍ଷା କରାଯିବ । ଲିଖିତ ପରୀକ୍ଷା, ସାକ୍ଷାତ୍‌କାର ଏବଂ ସୟେଦିନା ହୁଜୁର ଅନ୍‌ୱର୍ ଅ.ବଙ୍କ ଅନୁମୋଦନ କ୍ରମେ ଯାମିୟା ଅହମଦିୟା କାଦିୟାନ୍‌ରେ ମେଡ଼ିକାଲ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କର ହିଁ ନାମ ଲେଖାଯିବ ।

(4) ସ୍ନାତକ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କୁ ଯାମିୟା ଅହେମଦିୟା କାଦିୟାନ୍‌ରେ ନାମ ଲେଖାଇବା ନିମନ୍ତେ ଅଗ୍ରାଧିକାର ପ୍ରଦାନ କରାଯିବ । ଅବେଦନ ଫର୍ମ Mail ମାଧ୍ୟମରେ ପ୍ରାପ୍ତ କରିବାର ଠିକଣା ନିମ୍ନଲିଖିତ ଅଟେ ।

**waqfenau@qadian.in**
**WAQF-E-NAU DEPARTMENT (NAZARAT TALEEM)**
**Darul Balaqh, CIVIL LINE , QADIAN**
**DISTRICT: GURDASPUR,**
**PUNJAB (INDIA) PIN: 143516**
**CONTACT: 01872-500975, 9988991775**
**(ସଦର୍ ନ୍ୟାସନଲ୍ କ୍ୟାରିୟର୍ ପ୍ଲାନିଂ କମିଟି ୱକ୍‌ଫେ ନଅ ଭାରତ)**

☆--☆--☆

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** اَلَيْسَ اللّٰهُ بِكَافٍ عَبْدَهٗ

(ଅଜ୍ ଜୁମର: 36)

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

**ତାଲିବେ ଦୁଆ:** Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।" (ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାହି )

**ତାଲିବେ ଦୁଆ:** Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

## (ଖୁତ୍‌ବା ଜୁମା)

**ଆଁହଜରତ ସ.ଅ ସାହାବାମାନଙ୍କୁ ମୁଉତା ଯୁଦ୍ଧର ପରିସ୍ଥିତି ଏବଂ ଘଟଣାବଳୀ ସଂପର୍କରେ ଅବଗତ କରି ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କ ଚର୍ଚ୍ଚା ଆସିବାମାତ୍ରେ ନିଜର ପବିତ୍ର ଆଙ୍ଗୁଠିକୁ ଉଚ୍ଚ କରି କହିଲେ: "ହେ ଅଲ୍ଲାଃ ! ଖାଲିଦ୍ ତୁମ୍ଭର ଖଡ଼୍‌ଗ ମଧ୍ୟରୁ ଅନ୍ୟତମ ଖଡ଼୍‌ଗ ଅଟେ । ତୁମ୍ଭେ ତା'କୁ ସାହାଯ୍ୟ କର ।" ସେହି ଦିନ ଠାରୁ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ସୈଫୁଲ୍ଲାଃ ନାମରେ ଅଭିହିତ ହେଲେ । ଅର୍ଥାତ୍ ଅଲ୍ଲାଃତାଲାଙ୍କ ଖଡ଼୍‌ଗ ।**

---

**ହ. ଜାଫର୍ ର.ଅ ହେଉଛନ୍ତି ପ୍ରଥମ ମୁସଲମାନ ବ୍ୟକ୍ତି ଯିଏ ଈଶ୍ୱରଙ୍କ ମାର୍ଗରେ ନିଜ ଅଶ୍ୱର ଗୋଡ଼ି କାଟିଥିଲେ । ଜାତିମାନଙ୍କରେ ଧ୍ୱଜା ପ୍ରତି ବେଶ୍ ସମ୍ମାନ ପ୍ରଦର୍ଶନ କରାଯାଇଥାଏ । ବେଳେବେଳେ ଶତ୍ରୁ ଠାରୁ ତା'ର ଧ୍ୱଜା ଛଡ଼ାଇ ଆଣିବା ନିମନ୍ତେ ବହୁତ ବଡ଼ ବଡ଼ ବଳିଦାନ ଦେବାକୁ ପଡ଼ିଥାଏ ଓ ବେଳେବେଳେ ନିଜ ଜାତିର ଧ୍ୱଜାକୁ (ଧ୍ୱଜାର ମର୍ଯ୍ୟାଦା) ରକ୍ଷା କରିବା ନିମନ୍ତେ ମଧ୍ୟ ବହୁତ ବଡ଼ ବଡ଼ ବଳିଦାନ ଦେବାକୁ ପଡ଼ିଥାଏ । ଏହା ସିର୍କ ହୋଇ ନଥାଏ ।**
**(ହ. ମୁସ୍‌ଲେହ୍ ମଉଦ୍ ର.ଅ)**

---

**ବର୍ତ୍ତମାନ ମୁଁ ଆପଣମାନଙ୍କର ଧ୍ୟାନ ଆକର୍ଷଣ କରି କହାବାକୁ ଚାହୁଛି ଯେ, ସାଂପ୍ରତିକ ଯୁଗରେ ଅହମଦିମାନଙ୍କୁ ନିଜର ଉପାସନା ଆଡ଼କୁ ସର୍ବାଧିକ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ସଂସାରର ସାମଗ୍ରିକ ଅବସ୍ଥା ନିମନ୍ତେ ଦୁଆ ଜାରି ରଖନ୍ତୁ । ବିଶେଷ କରି ଆଜି କାଲି ପାକିସ୍ତାନ ଏବଂ ଭାରତର ଯେଉଁ ପରିସ୍ଥିତି ରହିଛି ତା' ପାଇଁ ମଧ୍ୟ ଦୁଆ କରନ୍ତୁ । ଅଲ୍ଲାଃତାଲା ଅତ୍ୟାଚାରକୁ ସମାପ୍ତ କରନ୍ତୁ । ନିଷ୍ପେଷିତ ତଥା ଅତ୍ୟାଚାରିତମାନଙ୍କୁ ରକ୍ଷା କରନ୍ତୁ ଏବଂ । ଅଲ୍ଲାଃତାଲା ସରକାରମାନଙ୍କୁ ସଦବୁଦ୍ଧି ପ୍ରଦାନ କରନ୍ତୁ । କାରଣ କୌଣସି ରାଷ୍ଟ୍ର ଯୁଦ୍ଧମୁହାଁ ତଥା ଯୁଦ୍ଧ ଆଡ଼କୁ ଅଗ୍ରସର ହେବା ପରିବର୍ତ୍ତେ ସନ୍ଧି ଓ ଶାନ୍ତି ସ୍ଥାପନ କରିବା ପ୍ରତି ଚେଷ୍ଟା କରିବା ଉଚିତ୍ । ରାଷ୍ଟ୍ରଗୁଡ଼ିକ ଆନ୍ତର୍ଜାତିକ ଚୁକ୍ତିକୁ ପାଳନକାରୀ ରାଷ୍ଟ୍ର ସାବ୍ୟସ୍ତ ହୁଅନ୍ତୁ ।**

---

ମୁଉତା ଯୁଦ୍ଧର ପରିସ୍ଥିତି ଏବଂ ଘଟଣାବଳୀର ପୃଷ୍ଠଭୂମିରେ ନବୀ କରୀମ୍ ସ.ଅଙ୍କ ପବିତ୍ର ଜୀବନୀ ଚର୍ଚ୍ଚା ।

---

**ଭାରତ ଓ ପାକିସ୍ତାନ ମଧ୍ୟରେ ଯେଉଁ ବିବାଦ ଲାଗି ରହିଛି ସେଥି ସଂକ୍ରାନ୍ତରେ ହୁଜୁର ଅନ୍‌ୱରଙ୍କ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ସଦସ୍ୟବୃନ୍ଦଙ୍କୁ ଦୁଆ କରିବା ନିମନ୍ତେ ଆହ୍ୱାନ । କୁସୁର୍ ଜିଲ୍ଲା ଅନ୍ତର୍ଗତ ଭଲ୍ଲେର୍ ଗ୍ରାମର ସମ୍ମାନନୀୟ ରଫିକ୍ ଅହେମଦ ସାହେବଙ୍କ ସୁପୁତ୍ର ସମ୍ମାନନୀୟ ସ୍ୱର୍ଗତ ଶହୀଦ୍ ମୁହମ୍ମଦ୍ ଆସିଫ୍ ସାହେବଙ୍କ ନମାଜ ଯନାଜାଃ ଗାଏବ୍, ପାକିସ୍ତାନରେ ଆତଙ୍କବାଦ ଚାଲଉଥିବା ଲୋକମାନେ ଏବଂ ଜମାଅତ୍‌ର ବିରୋଧ କରୁଥିବା ଲୋକମାନଙ୍କର ସାହସ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଅଲ୍ଲାଃତାଲା ଏହି ଅତ୍ୟାଚାରୀ, ଦୋଷୀ, ପାପୀମାନଙ୍କର ଯଥାଶୀଘ୍ର ଧର ପକଡ଼ କରନ୍ତୁ । ଆମିନ୍ ।**

---

**02 MAY 2025 ମସିହା ଅନୁଯାୟୀ ୦୨ ହିଜ୍ରତ୍ ୧୪୦୪ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସଜିଦ୍ ମୁବାରକ ଇସଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି।

أَشْهَدُ أَنْ لَّا إِلٰهَ اِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ و رَسُوْلُهٗ۔
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُلِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ ۔صِرَاطَ الَّذِيْنَ اَنْعَمْتَ عَلَيْهِمْ ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ, ଆଁହଜରତ ସ.ଅଙ୍କ କାଳରେ ବିଭିନ୍ନ ଅଭିଯାନ ସଂପର୍କରେ ଆଲୋଚନା ଚାଲିଥିଲା । ସେହି କ୍ରମରେ ବିଗତ ଖୁତ୍‌ବାରେ ମୁଉତା ଯୁଦ୍ଧର ଯେଉଁ ଚର୍ଚ୍ଚା ଜାରି ରହିଥିଲା ତାହାର ଅବଶିଷ୍ଟାଂଶ ଆଜିର ଖୁତ୍‌ବାରେ ବର୍ଣ୍ଣନା କରିବି । ଏଥି ସଂକ୍ରାନ୍ତରେ ଅତିରିକ୍ତ ବିବରଣୀ ଏହିପରି ଯେ, ଆଁହଜରତ ସ.ଅ ଯେତେବେଳେ ହ. ଅବ୍‌ଦୁଲ୍ଲାଃ ବିନ୍ ରୱାହ୍ ର.ଙ୍କୁ ବିଦାୟ ଜଣାଇଲେ ସେତେବେଳେ ହ. ଅବ୍‌ଦୁଲ୍ଲାଃ ବିନ୍ ରୱାହା ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ମୋତେ ଏପରି କଥାର ଆଦେଶ ଦିଅନ୍ତୁ ଯାହାକୁ ମୁଁ ଆପଣ ସ.ଅଙ୍କ ପକ୍ଷରୁ ମୁଖସ୍ଥ କରିନେବି। ଆପଣ ସ.ଅ କହିଲେ, କାଲି ତୁମେ ଏପରି ସହରରେ ପହଞ୍ଚିବ ଯେଉଁଠି କମ୍ ସଜ୍‌ଦା ହୋଇଥାଏ । ତେଣୁ ତୁମେ ସେଠାରେ ଅଧିକ ସଜ୍‌ଦା କରିବ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ବର୍ତ୍ତମାନ ଏହି ଉପଦେଶଟି କେତେ ବଡ଼ ଉପଦେଶ ଅଟେ ? ସାଂପ୍ରତିକ ଯୁଗରେ ଆମେମାନେ ଯେଉଁ ଦେଶରେ ବାସ କରୁଛେ ଏବଂ ଏଠାରେ ଅର୍ଥାତ୍ ଲଣ୍ଡନରେ ମଧ୍ୟ ଏହି ସମାବସ୍ଥା ରହିଛି । ଲୋକମାନେ ଅଲ୍ଲାଃତାଲାଙ୍କୁ ପାସୋରି ଦେଇଛନ୍ତି । ତେଣୁ ସାଂପ୍ରତିକ କାଳରେ ମୁଁ ଅହମଦିମାନଙ୍କୁ କହୁଛି ଯେ, ଅହମଦିମାନେ ଅତ୍ୟାଧିକ ରୂପେ ନିଜର ଉପାସନା ପ୍ରତି ଧ୍ୟାନ ଦେବା ଉଚିତ୍ ।

ପୁନଶ୍ଚ ହ. ଅବ୍‌ଦୁଲ୍ଲାଃ ବିନ୍ ରୱାହା ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ମୋତେ ଆଉ କିଛି ଉପଦେଶ ଦିଅନ୍ତୁ । ଆପଣ ସ.ଅ କହିଲେ, ହେ ଅବ୍‌ଦୁଲ୍ଲାଃ ବିନ୍ ରୱାହା ତୁମେ ଅଲ୍ଲାଃତାଲାଙ୍କର ଚର୍ଚ୍ଚା କର । ଏହା ପ୍ରତ୍ୟେକ ସେହି ପ୍ରସଙ୍ଗ ରେ ଯେଉଁ ପ୍ରସଙ୍ଗକୁ ତୁମେ ଚାହିଁବ ସେହି ପ୍ରସଙ୍ଗରେ ଏହା ସହାୟକ ସାବ୍ୟସ୍ତ ହେବ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ ଈଶ୍ୱର ଚର୍ଚ୍ଚା ଅତ୍ୟନ୍ତ ଜରୁରୀ ପ୍ରସଙ୍ଗ ଅଟେ । ଯେତେବେଳେ ହ. ଅବ୍‌ଦୁଲ୍ଲାଃ ବିନ୍ ରୱାହା ଯିବାକୁ ଲାଗିଲେ ସେତେବେଳେ ଲେଉଟି ଆସି କହିବାକୁ ଲାଗିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଅଲ୍ଲାଃତାଲା ୱିତର୍ (ଏକ ଓ ଅଦ୍ୱିତୀୟ) ଅଟନ୍ତି ଏବଂ ସେ ୱିତରକୁ ପସନ୍ଦ କରନ୍ତି । ଆପଣ ସ.ଅ କହିଲେ, ହେ ଅବ୍‌ଦୁଲ୍ଲାଃ ବିନ୍ ରୱାହା ! କ'ଣ ତୁମେ ଖାଲି ପ୍ରଶ୍ନ କରି ଚାଲିଥିବ ? ସେତିକି ଥାଉ, ଆଉ ପ୍ରଶ୍ନ କର ନାହିଁ । ହେ ଅବ୍‌ଦୁଲ୍ଲାଃଲ ବିନ୍ ରୱାହା ! ତୁମେ ଯଦି ଦଶ ଲୋକଙ୍କ ସହିତ ମନ୍ଦ ଆଚରଣ ପ୍ରଦର୍ଶନ କରି ନିରାଶ୍ରୟ ଓ ଅସହାୟ ହୋଇ ପଡ଼ ତେବେ ଗୋଟିଏ ବ୍ୟକ୍ତି ପ୍ରତି ପୁଣ୍ୟ ଆଚରଣ ପ୍ରଦର୍ଶନ କରିବାରେ ତୁମେ କେବେ ବି ଅସହାୟ ହୁଅ ନାହିଁ । ଅର୍ଥାତ୍ ଏତେ ମନ୍ଦ ତଥା ପାପ ପରେ ମଧ୍ୟ ଅଲ୍ଲାଃତାଲାଙ୍କ ସକାଶେ ଯଦି ପୁଣ୍ୟ କର୍ମ ସମ୍ପାଦନ କରିବ ଓ ଅଲ୍ଲାଃତାଲାଙ୍କ ଭୟ ଯଦି ମନ ଭିତରେ ରଖିଥିବ ତେବେ ସେପରିପ୍ରେକ୍ଷୀରେ ଅଲ୍ଲାଃତାଲା କ୍ଷମାଶୀଳ ଅଟନ୍ତି ସେ ଭକ୍ତକୁ ଅବଶ୍ୟ କ୍ଷମା ପ୍ରଦାନ କରିଦେବେ । ସୁତରାଂ ଅଲ୍ଲାଃତାଲା ପୁଣ୍ୟ ପ୍ରଦର୍ଶନକାରୀମାନଙ୍କୁ କ୍ଷମା କରିଦେଇ ଥାଆନ୍ତି । ତାହାଙ୍କ ଦୟା ଅତ୍ୟନ୍ତ ବ୍ୟାପକ ଓ ଅସୀମ ଅଟେ । ତୁମେ ଯଥା ସମ୍ଭବ ଏହି ପ୍ରୟାସରେ ରୁହ କି ତୁମେ ପୁଣ୍ୟ କର୍ମ କର ଏବଂ ମନ୍ଦ ବା ପାପ କର୍ମରୁ ତୁମକୁ ବର୍ତ୍ତିବାକୁ ହେବ । ଉପେରୋକ୍ତ କଥାର ଅର୍ଥ ଏହା ନୁହେଁ ଯେ, ତୁମେ ସବୁବେଳେ ଦଶ ଦଶ ଥର ପାପ କର ଓ ଏହା ପରେ ତୁମେ କହିବ କି ମୁଁ ଗୋଟିଏ ଥର ପୁଣ୍ୟ କରି ନେଇଛି । ନା ଏହା ଆଦୌ ସଠିକ୍ ଓ ଯୁକ୍ତିଯୁକ୍ତ ନୁହଁ । ବରଂ ପ୍ରକୃତ କ୍ଷମାଯାଚନାକାରୀ ବ୍ୟକ୍ତି ପାପ କରିବା ପରେ ପୁନଃ ପାପରୁ ବର୍ତ୍ତିବା ନିମନ୍ତେ ଉଦ୍ୟମ କରିଥାଏ ଏବଂ ପୁଣ୍ୟ କର୍ମ କରିଥାଏ । କାରଣ ସେ ଅଲ୍ଲାଃତାଲାଙ୍କ ବିଶେଷ କୃପା ପ୍ରାପ୍ତକାରୀ ବ୍ୟକ୍ତି ରୂପେ ବିବେଚିତ ହୋଇପାରିବ । ସେ ଯାହା ହେଉ ଆଁହଜରତ ସ.ଅ ଯେତେବେଳେ ଏକଥା କହିଲେ, କି ହେ ଅବ୍‌ଦୁଲ୍ଲାଃ ବିନ୍ ରୱାହା ! ତୁମେ ଗୋଟିଏ ବ୍ୟକ୍ତିର ପୁଣ୍ୟ କରିବାରୁ ମଧ୍ୟ ଅସହାୟ (ହେଳା କରିବ) ହେବ ନାହିଁ । ପ୍ରତ୍ୟୁତରରେ ହ. ଅବ୍‌ଦୁଲ୍ଲାଃ ବିନ୍ ରୱାହା ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ଏହାପରେ ଆପଣ ସ.ଅଙ୍କୁ ଆଉ କୌଣସି ପ୍ରଶ୍ନ ପଚାରିବି ନାହିଁ । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-6, ପୃ-146-147, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଲୋକମାନେ ଆପଣ ସ.ଅଙ୍କ ଦ୍ୱାରା ନିଯୁକ୍ତ ଅମୀରମାନଙ୍କୁ (ସେନାପତିମାନଙ୍କୁ) ବିଦାୟ ଜଣାଇଲେ । ହ. ଅବ୍‌ଦୁଲ୍ଲାଃ ବିନ୍ ରୱାହା ର.ଅଙ୍କୁ ବିଦାୟ ଯେତେବେଳେ ଜଣାଇଲେ ସେତେବେଳେ ସେ କାନ୍ଦିବାକୁ ଲାଗିଲେ । ସାହାବାମାନେ ଯେତେବେଳେ ହ. ଅବ୍‌ଦୁଲ୍ଲାଃ ବିନ୍ ରୱାହା ର.ଅଙ୍କୁ କାନ୍ଦିବାର କାରଣ ପଚାରିଲେ ଏବଂ କହିଲେ, ହେ ଅବ୍‌ଦୁଲ୍ଲାଃ ବିନ୍ ରୱାହା ! ଆପଣ କାହିଁକି କାନ୍ଦୁଛନ୍ତି? ସେତେବେଳେ ହ. ଅବ୍‌ଦୁଲ୍ଲାଃ ବିନ୍ ରୱାହା ର.ଅ କହିଲେ, ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ଯେ, ନା ମୁଁ ସାଂସାରକୁ ଭଲ ପାଉଛି ଓ ନା ହିଁ ମୁଁ ତୁମମାନଙ୍କୁ ଭଲ ପାଉଛି । କିନ୍ତୁ ମୁଁ ଆଁହଜରତ୍ ସ.ଅଙ୍କୁ ଏହି ଆୟତ୍ ପାଠ କରୁଥିବାର ଶୁଣିଛି, ଯହିଁରେ ଅଗ୍ନିର ଚର୍ଚ୍ଚା ରହିଛି ଯେ, وَاِنْ مِّنْكُمْ اِلَّا وَارِدُهَا كَانَ عَلٰى رَبِّكَ حَتْمًا مَّقْضِيًّا **(ମରିୟମ୍: 72) ଅନୁବାଦ:** ଏବଂ ତୁମମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ଏଥିରେ ଅର୍ଥାତ୍ ନର୍କରେ ନିକ୍ଷିପ୍ତ ହେବ । ଏହା ଅଲ୍ଲାଃତାଲାଙ୍କର ଏକ ଦୃଢ ଅଙ୍ଗୀକାର ଯାହା ଅବଶ୍ୟ ପାଳିତ (ପୂର୍ଣ୍ଣ) ହେବ । ହ. ଅବ୍‌ଦୁଲ୍ଲାଃ ବିନ୍ ରୱାହା ର.ଅ କହିଲେ, ଏମିତି ପରିସ୍ଥିତି ଯଦି

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly BADAR Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 10 Thursday- 12-19 June 2025 Issue No. 24-25

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ଉପୁଜିବାର ଥିଲା ତେବେ ମୁଁ ଜାଣି ନାହିଁ ଯେ, ଏହାପରେ ମୁଁ କିପିରି ଫେରିବି ? ପ୍ରତ୍ୟୁତ୍ତରରେ ମୁସଲମାନମାନେ କହିଲେ, ହେ ଅବ୍ଦୁଲ୍ଲାଃ ବିନ୍ ରୱାହା ! ଅଲ୍ଲାଃତାଲା ତୁମମାନଙ୍କ ସହିତ ହୁଅନ୍ତୁ । **(ଅବଶିଷ୍ଟାଂଶ................ପରବର୍ତ୍ତୀ ସଂଖ୍ୟାରେ)**

## ପୃ-10ରେ ବର୍ଣ୍ଣିତ ଖୁତ୍‌ବା ଜୁମାର ଅବଶିଷ୍ଟାଂଶ....

କୌଣସି ଅବସ୍ଥାରେ ପାଇପାରି ନଥାଆନ୍ତୁ ।" **(ମଲ୍‌ଫୁଜାତ୍, ଭାଗ-5, ପୃ-340-341, ସଂସ୍କରଣ ବର୍ଷ-1984)**

ଅତଏବ୍ ଅଲ୍ଲାଃତାଲା ଯେତେବେଳେ ଆମମାନଙ୍କୁ ଶକ୍ତି ପ୍ରଦାନ କଲେ, ଆମମାନଙ୍କୁ ଶିକ୍ଷା ପ୍ରଦାନ କଲେ ଏବଂ ଏହି ଅଭିପ୍ରାୟ ବର୍ଣ୍ଣନା କରିଦେଲେ ସେତେବେଳେ ଆମମାନଙ୍କର ମଧ୍ୟ ଏହି କର୍ତ୍ତବ୍ୟ ରହିଛି ଯେ, ଆମେମାନେ ତାହାକୁ ପ୍ରାପ୍ତ କରିବା ନିମନ୍ତେ ଯଥା ସମ୍ଭବ ପ୍ରୟାସ କରିବା ଉଚିତ୍ । ସୁତରାଂ ଆପଣ ଅ.ସ କହିଲେ, ଏହି ସଂସାରରକୁ ଆସିବାର ମୋର ଅଭିପ୍ରାୟ ଏହା ହିଁ ଅଟେ । ଏଇଥି ପାଇଁ ଅଲ୍ଲାଃତାଲା ମୋତେ ପ୍ରେରଣ କରିଛନ୍ତି । ଏଥି ସଂକ୍ରାନ୍ତରେ ଶିକ୍ଷା ପ୍ରଦାନ କରି ଆପଣ ଅ.ସ କହିଲେ, ଉପରୋକ୍ତ କଥାଗୁଡ଼ିକ ଉପରେ ତୁମେମାନେ ବିଚାର କର ଏବଂ ଦେଖ ଯେ, ତୁମେମାନେ ମୋର ବିରୋଧ କରିବା ପରିବର୍ତ୍ତେ ଆଁହଜରତ ସ.ଅଙ୍କ ଶିକ୍ଷା ଏବଂ ଆପଣ ସ.ଅଙ୍କ ଦ୍ୱାରା ଆଗତ ଧର୍ମବିଧାନକୁ ସଂସାରରେ ପରିବ୍ୟାପ୍ତ କରିବାକୁ ସକ୍ଷମ ହୋଇ ପାରିବ । ଆପଣ ଅ.ସ କହିଲେ, ଆଁହଜରତ ସ.ଅ ପୂର୍ଣ୍ଣାବତାର ଅଟନ୍ତି । ଅଲ୍ଲାଃତାଲା ଆମମାନଙ୍କୁ ସେହି ଅବତାର ପ୍ରଦାନ କଲେ ଯିଏ ନବୀ ଶ୍ରେଷ୍ଠ ଏବଂ ନବୀ ଶିରୋମଣି ଓ ନବୀମାନଙ୍କର ମୋହର ଅଟନ୍ତି । ଆପଣ ସ.ଅ ଶ୍ରେଷ୍ଠ ଅଧ୍ୟାତ୍ମବାଦୀ ଓ ଶ୍ରେଷ୍ଠ ବିଶ୍ୱାସକାରୀ ଅଟନ୍ତି ଓ ଆପଣ ସ.ଅଙ୍କ ଉପରେ ହିଁ ଏହି ପବିତ୍ର କୁରଆନ୍ କରୀମ୍ ଅବତୀର୍ଣ୍ଣ ହୋଇଛି । ଏହି ପବିତ୍ର ଧର୍ମଗ୍ରନ୍ଥ ସକଳ ଧର୍ମ ଗ୍ରନ୍ଥର ସମାହର ଏବଂ ଶ୍ରେଷ୍ଠ ଧର୍ମ ଗ୍ରନ୍ଥ ଅଟେ । ଆଁହଜରତ ସ.ଅଙ୍କ ଯେକି ଅବତାରମାନଙ୍କର ମୋହର ଅଟନ୍ତି ଏବଂ ଆପଣ ସ.ଅଙ୍କ ଉପରେ ଅବତାର ସମାପ୍ତ ହୋଇଯାଇଛି । ଏହି ଅବତାରତ୍ୱ ସେପରି ସମାପ୍ତ ହୋଇ ନାହିଁ ଯେପରି କୌଣସି ବ୍ୟକ୍ତି ଅବତାରତ୍ୱକୁ ତଣ୍ଟି ଚିପି ସମାପ୍ତ କରି ଦେଇଛି । ଏପରି ସମାପ୍ତ କଦାପି ଗର୍ବଯୋଗ୍ୟ ନୁହେଁ । ବରଂ ରସୁଲୁଲ୍ଲାଃ ସ.ଅଙ୍କ ଠାରେ ଅବତାରତ୍ୱ ସମାପ୍ତ ହେବାର ଅର୍ଥ ଏହିକି ଯେ, ସ୍ୱଭବତଃ ଆପଣ ସ.ଅଙ୍କ ପର୍ଯ୍ୟନ୍ତ ଅବତାରତ୍ୱର ସମସ୍ତ ପୂର୍ଣ୍ଣତ୍ୱମୂଳକ ବିଶେଷତା ଏବଂ ଗୁଣାବଳୀ ସମାପ୍ତ ହୋଇଯାଇଛି । ଅର୍ଥାତ୍ ସେହି ସମସ୍ତ ପୂର୍ଣ୍ଣତ୍ୱମୂଳକ ବିଶେଷ ଗୁଣାବଳୀ ଯାହା ହ. ଆଦମ୍ ଅ.ସଙ୍କ ଠାରୁ ନେଇ ମସିହ୍ ଇବ୍‌ନେ ମରିୟମ୍ (ହ. ଇସା ଅ.ସ୍ ବା ଯୀଶୁ ଖ୍ରୀଷ୍ଟ) ଅ.ସଙ୍କ ପର୍ଯ୍ୟନ୍ତ ଅବତାରମାନଙ୍କୁ ପ୍ରଦାନ କରାଯାଇଥିଲା (ଅର୍ଥାତ୍ ଜଣେ ଅବତାରକୁ ଏକ ପ୍ରକାରର ବିଶେଷ ଗୁଣାବଳୀ ଓ ଆଉ ଜଣେ ଅବତାରକୁ ଅନ୍ୟ ପ୍ରକାରର ବିଶେଷ ଗୁଣାବଳୀ) ସେହି ସମସ୍ତ ବିଶେଷ ଗୁଣାବଳୀ ଆପଣ ସ.ଅଙ୍କ ମଧ୍ୟରେ ଏକତ୍ରିତ କରିଦିଆଗଲା । ଏହିପରି ଭାବରେ ସ୍ୱାଭାବତଃ ଆପଣ ସ.ଅ ଅବତାରମାନଙ୍କର ମୋହର ରୂପେ ବିବେଚିତ ହେଲେ ଏବଂ ଏହିପରି ସେହି ସମସ୍ତ ଶିକ୍ଷା, ଇଚ୍ଛାପତ୍ର ଏବଂ ଅଧ୍ୟାତ୍ମ ପରିଚୟ ଯାହାକି ନାନା ଧର୍ମ ଗ୍ରନ୍ଥମାନଙ୍କରେ ବର୍ଣ୍ଣିତ ହୋଇ ଆସୁଛି ତାହା ପବିତ୍ର କୁରଆନ୍ କରୀମ୍ ନିକଟରେ ଆସି ସମାପ୍ତ ହୋଇଗଲା ଏବଂ ପବିତ୍ର କୁରଆନ୍ କରୀମ୍ ସମସ୍ତ ଧର୍ମଗ୍ରନ୍ଥମାନଙ୍କର ମଧ୍ୟରେ ଶ୍ରେଷ୍ଠ ଓ ମମସ୍ତ ଧର୍ମ ଗ୍ରନ୍ଥମାନଙ୍କର ମୋହର ରୂପେ ବିବେଚିତ ହେଲା ।"

**(ମଲ୍‌ଫୁଜାତ୍, ଭାଗ-1, ପୃ-341-342, ସଂସ୍କରଣ ବର୍ଷ-1984)**

ସୁତରାଂ ଆପଣ ଅ.ସ କୁହନ୍ତି: "ଏଠାରେ ଏହା ମଧ୍ୟ ମନେରଖିବା ଉଚିତ୍ ଯେ, ମୋ ଉପରେ ଏବଂ ମୋ ଜମାଅତ୍ ଉପରେ ଯେଉଁ ଦୋଷାରୋପଣ କରାଯାଏ ଯେ, ଆମେମାନେ କୁଆଡ଼େ ଆଁହଜରତ ସ.ଅଙ୍କୁ ଖାତମୁନ୍ ନବୀୟିନ୍ ବୋଲି ସ୍ୱୀକାର କରୁ ନାହୁଁ । ଏହା ଆମମାନଙ୍କ ଉପରେ ମହା ମିଥ୍ୟାରୋପ ଅଟେ । ଯେଉଁ ଶକ୍ତି, ବିଶ୍ୱାସ, ଅଧ୍ୟାତ୍ମ ଚକ୍ଷୁର ସହିତ ଆମେ ଆଁହଜରତ ସ.ଅଙ୍କୁ ଖାତମୁଲ୍ ଅମ୍ବିୟା ରୂପେ ସ୍ୱୀକାର ଓ ବିଶ୍ୱସା କରୁଛେ ସେହି ବିଶ୍ୱାସ ଏବଂ ସ୍ୱୀକାରର ଲକ୍ଷାଧିକ ଭାଗ ମଧ୍ୟ ଅଣମୁସଲମାନମାନେ ସ୍ୱୀକାର କରନ୍ତି ନାହିଁ । ସେମାନାଙ୍କ ମଧ୍ୟରେ ଏତାଦୃଶ ସାମର୍ଥ୍ୟ କାହିଁ ? ସେମାନେ ଉକ୍ତ ସତ୍ୟତା ଅର୍ଥାତ୍ ଖାତମୁଲ୍ ଅମ୍ବିୟା ଓ ଖତ୍‌ମେ ନବୁୱତ୍ ମଧ୍ୟରେ ଯେଉଁ ରହସ୍ୟ ରହିଛି ତାହାକୁ ସେମାନେ ଆଦୌ ହୃଦୟଙ୍ଗମ କରନ୍ତି ନାହିଁ । ସେମାନେ କେବଳ ନିଜର ପିତୃ ପିତାମହମାନଙ୍କ ଠାରୁ ଏକଥା ଶୁଣି ନେଇଛନ୍ତି ଯେ, ଆଁହଜରତ ସ.ଅଙ୍କ ବ୍ୟତୀତ ଆଉ କେହି ଅବତାର ଏହି ସଂସାରକୁ ଅବତାର ହୋଇ ଆସି ପାରିବ ନାହିଁ । ଆପଣ ସ.ଅଙ୍କ ପରେ ଅବତାରତ୍ୱର ପରମ୍ପରା ସମାପ୍ତ ହୋଇଯାଇଛି । କିନ୍ତୁ ସେମାନେ ଏହି ବାସ୍ତବତା ଠାରୁ ଅବଚେତନ ତଥା ଅଜ୍ଞ ଅଟନ୍ତି ଏବଂ ସେମାନେ ଜାଣନ୍ତି ନାହିଁ ଯେ, ଖତ୍‌ମେ ନବୁୱତ୍ କ'ଣ ଏବଂ ଖତ୍‌ମେ ନବୁୱତ୍ ଉପରେ ବିଶ୍ୱାସ ଆଣିବାର ଭାବାର୍ଥ କ'ଣ ? କିନ୍ତୁ ମୁଁ ପୂର୍ଣ୍ଣ ଉନ୍ମୁକ୍ତ ଚକ୍ଷୁର ସହିତ (ଅର୍ଥାତ୍ ବୁଦ୍ଧି ଓ ବିବେକର ସହିତ) (ଏହି ବୁଦ୍ଧି ଓ ବିବେକ ସଂପର୍କରେ ଅଲ୍ଲାଃତାଲା ହିଁ ସର୍ବଜ୍ଞ ଏବଂ ଅନ୍ତର୍ଯାମୀ ଅଟନ୍ତି) ଆଁହଜରତ ସ.ଅଙ୍କୁ ଖାତମୁଲ୍ ଅମ୍ବିୟା (ଅବତାରମାନଙ୍କର ମୋହର) ରୂପେ ବିଶ୍ୱାସ କରୁଛେ ଓ ଈଶ୍ୱର ଆମମାନଙ୍କ ଉପରେ ଖତ୍‌ମେ ନବୁୱତ୍‌ର ବାସ୍ତବତାକୁ ଏପରି ଭାବରେ ଉନ୍ମୁକ୍ତ (ଖୋଲି) କରି ଦେଇଛନ୍ତି ଯେପରିକି ତାହାଙ୍କ ଅଧ୍ୟାତ୍ମ ପରିଚୟ ଯାହା ଆମମାନଙ୍କୁ ପାନ କରାଯାଇଛି ତହିଁରୁ ଆମେମାନେ ବିଶେଷ ରୂପେ ଆସ୍ୱାଦିତ ଏବଂ ଆନନ୍ଦିତ ହୋଇଥାଉ । ଯେଉଁମାନେ ଏହି ଝରଣାରୁ ସେଚିତ ହେବ ସେହି ଲୋକମାନଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ଏହାର ଆକଳନ (ଖତ୍‌ମେ ନବୁୱତ୍‌ର ସତ୍ୟତାକୁ) କରିପାରିବ ନାହିଁ । ଅର୍ଥାତ୍ ଅଣ ଅହେମଦିମାନେ ଖତ୍‌ମେ ନବୁୱତ୍‌ର ବାସ୍ତବତା ଓ ଭାବାର୍ଥକୁ ଆଦୌ ଆକଳନ କରି (ବୁଝି) ପାରୁ ନାହାନ୍ତି କି ସେମାନେ ସେହି ସର୍ବତକୁ ଆଦୌ ପାନ କରିପାରୁ ନାହାନ୍ତି । କିନ୍ତୁ ସର୍ତ୍ତ ଏହିକି ଯେ, ଯେଉଁ ଲୋକମାନେ ଖତ୍‌ମେ ନବୁୱତ୍‌ର ଝରଣାରୁ ସେଚିତ ହେବେ, ସେହିମାନେ ହିଁ ଉକ୍ତ ସର୍ବତକୁ ପାନ କରିବା ନିମନ୍ତେ ସକ୍ଷମ ଓ ଯୋଗ୍ୟ ବିବେଚିତ ହେବେ ।

**(ମଲ୍‌ଫୁଜାତ୍, ଭାଗ-1, ପୃ-341-342, ସଂସ୍କରଣ ବର୍ଷ-1984)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଏ ହେଉଛି ଆପଣ ଅ.ସଙ୍କ ଶିକ୍ଷା, ଆପଣ ଅ.ସଙ୍କ ମର୍ଯ୍ୟାଦା ଓ ଆପଣ ଅ.ସଙ୍କ ଅଭିପ୍ରାୟ ଯେଉଁଥି ପାଇଁ ଆପଣ ଅ.ସ ଏହି ସଂସାରକୁ ଆସିଥିଲେ ଏବଂ ଯେଉଁ ଅଭିପ୍ରାୟକୁ ଆୟୁଦ୍ଧ କରି ଆପଣ ଅ.ସ ଜମାଅତ୍ ଅହମଦିୟାର ମୂଳଦୁଆ ପକାଇଥିଲେ । ଏଥି ନିମନ୍ତେ ଆପଣ ଅ.ସ ଜମାଅତ୍‌କୁ ଆଦେଶ ଦେଲେ ଯେ, ତୁମେମାନେ ବଳିଦାନ ଦିଅ ଏବଂ ଏହି ସନ୍ଦେଶକୁ ସଂସାରରେ ପହଞ୍ଚାଇ ଦିଅ । ହ. ଖାତମୁଲ୍ ଅମ୍ବିୟା ସ.ଅଙ୍କ ଧର୍ମକୁ ସମଗ୍ର ସଂସାରରେ ପରିବ୍ୟାପ୍ତ କର । ଯେପର୍ଯ୍ୟନ୍ତ ତୁମେମାନେ ଆଁହଜରତ ସ.ଅଙ୍କ ଓ ଏକେଶ୍ୱରବାଦଙ୍କର ଶାସନକୁ ସଂସାରରେ ସ୍ଥାପନ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ବିଶ୍ରାମ ନିଅ ନାହିଁ । ଆପଣ ଅ.ସଙ୍କ ଆଗମନର ଏହା ହିଁ ମୂଳାଭିପ୍ରାୟ ଥିଲା ଓ ଏହା ହିଁ ଧର୍ମର ଆବଶ୍ୟକତା ଥିଲା । ଯଦି ଆମେମାନେ ଏହି ଧର୍ମର ଆବଶ୍ୟକତାକୁ ଉପଲବ୍ଧି କରୁଛେ ବା ଅନୁଭବ କରୁଛେ ଏବଂ ନିଜକୁ ବୈଅତ୍‌ର ଅଧିକାର ସମ୍ପାଦନକାରୀ ବ୍ୟକ୍ତି ରୂପେ ମନେ କରୁଛେ ତେବେ ଆମମାନଙ୍କୁ ମଧ୍ୟ ଉପରୋକ୍ତ କଥା ସଂପର୍କରେ ଚିନ୍ତା କରିବାକୁ ପଡ଼ିବ । ଯେତେବେଳେ ଆମେମାନେ ଏହି କାର୍ଯ୍ୟ ସମ୍ପାଦନ କରିବୁ ସେତେବେଳେ ଆମେମାନେ ଉକ୍ତ ଅଭିପ୍ରାୟକୁ ପ୍ରାପ୍ତକାରୀ ବ୍ୟକ୍ତି ରୂପେ ବିବେଚିତ ହୋଇପାରିବୁ । ଏହା ହିଁ ଆମମାନଙ୍କ ଜୀବନର ପରମ ଅଭିପ୍ରାୟ ଅଟେ । ଆମେମାନେ ଅଲ୍ଲାଃତାଲାଙ୍କର ପ୍ରସନ୍ନତା ଓ ତାହାଙ୍କ ସାମୀପ୍ୟତା ତଥା ତାହାଙ୍କ ସାନ୍ନିଧ୍ୟତା ପ୍ରାପ୍ତକାରୀ ବ୍ୟକ୍ତି ରୂପେ ବିବେଚିତ ହୋଇ ପାରିବୁ । ପବିତ୍ର ରମ୍‌ଜାନ୍ ମାସର ଦିନମାନଙ୍କରେ ଦୁଆ ମାଧ୍ୟମରେ, ନିଜର ଜ୍ଞାନକୁ ଅଭିବୃଦ୍ଧି କରିବା ମାଧ୍ୟମରେ, ପବିତ୍ର କୁରଆନ୍ କରୀମ୍‌ର ଜ୍ଞାନକୁ ଶିକ୍ଷା ମାଧ୍ୟମରେ, ବ୍ୟବହାରିକ ରୂପେ ବାର୍ତ୍ତା ପହଞ୍ଚାଇବା ମାଧ୍ୟମରେ ମଧ୍ୟ ତବ୍‌ଲିଗ୍‌ର କାର୍ଯ୍ୟରେ ଆମମାନଙ୍କୁ ଲାଗିପଡ଼ିବା ଉଚିତ୍ ଅର୍ଥାତ୍ ମନୋଯୋଗ କରିବା ଉଚିତ୍ । କାରଣ ଆମେମାନେ ଶୀଘ୍ର ଶୀଘ୍ର ସଂସାରରେ ଆଁହଜରତ ସ.ଅଙ୍କ ଧ୍ୱଜା ଉତ୍ତୋଳୋନକାରୀ ବ୍ୟକ୍ତି ରୂପେ ପରିଗଣିତ ହୋଇପାରିବୁ । ସଂସାରକୁ ଏକେଶ୍ୱରବାଦଙ୍କ ସମ୍ମୁଖରେ ଆନତକାରୀ ହେବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇପାରିବୁ । ଏଥି ନିମନ୍ତେ ଅଲ୍ଲାଃତାଲା ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପରିଶେଷରେ ମୁଁ ପାକିସ୍ତାନର ଅହେମଦି ଏବଂ ମୁସଲମାନ ଜାତି ନିମନ୍ତେ ଦୁଆ କରିବାକୁ ଜମାଅତ୍‌ର ସଦସ୍ୟ ବୃନ୍ଦଙ୍କୁ ଅନୁରୋଧ କରୁଛି । ଅଲ୍ଲାଃତାଲା ପାକିସ୍ତାନର ଅହେମଦିମାନଙ୍କର ପରିସ୍ଥିତିରେ ସହଜତା ସୃଷ୍ଟି କରନ୍ତୁ । ଆଜିକାଲି ବିରୋଧୀମାନେ ସଂପୂର୍ଣ୍ଣ ବଳ ପ୍ରୟୋଗ କରୁଛନ୍ତି । ପ୍ରତ୍ୟେକ ପ୍ରକାରର କଷ୍ଟ ଏବଂ ଯନ୍ତ୍ରଣା ଆମମାନଙ୍କୁ ଦେବା ନିମନ୍ତେ ଯଥା ସମ୍ଭବ ପ୍ରୟାସ କରୁଛନ୍ତି । ସେହି ବିରୋଧୀମାନେ କେତେବେଳେ ମସ୍‌ଜିଦ୍‌ର ମିନାରାର ବାହାନା କରି, ଆଉ କେତେବେଳେ ମିହରାବ୍ ଓ ଗୁମ୍ବଜ୍‌ର ବାହାନା କରି ତ' ଆଉ କେତେବେଳେ ନମାଜ ପାଠ କରିବା ଯୋଗୁଁ ମଧ୍ୟ ବାହାନା କରି ଅହେମଦିମାନଙ୍କର କ୍ଷତି ଘଟଣାଇବା ନିମନ୍ତେ ସେମାନେ ସର୍ବଦା ଚେଷ୍ଟିତ ଅଟନ୍ତି । ଅଲ୍ଲାଃତାଲା ସମସ୍ତ ଅହେମଦିମାନଙ୍କୁ ସୁରକ୍ଷିତ ରଖନ୍ତୁ । **ଆମିନ୍** । ହୁଜୁର ଅନୱର୍ ଅ.ବ କହିଲ, ସାମୂହିକ ରୂପେ ମୁସଲମାନ ଜାତି ନିମନ୍ତେ ମଧ୍ୟ ଦୁଆ କରନ୍ତୁ । ଅଲ୍ଲାଃତାଲା ସେମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ ଏବଂ ସେମାନଙ୍କର ଅବସ୍ଥାକୁ ସୁଧାରି ଦିଅନ୍ତୁ। ଅଲ୍ଲାଃତାଲା ସେମାନଙ୍କ ଉପରେ ଦୟାବତୀର୍ଣ୍ଣ କରନ୍ତୁ, ପାଲେଷ୍ଟାଇନ୍‌ର ଯେଉଁ ମୁସଲମାନମାନେ ରହିଛନ୍ତି ସେମାନଙ୍କ ଉପରେ ପୁନଃ ଅତ୍ୟାଚାରର ଏକ ନୂତନ ଯୁଗ ଆରମ୍ଭ ହୋଇଯାଇଛି ଅଲ୍ଲାଃତାଲା ସେମାନଙ୍କୁ ମଧ୍ୟ ଉକ୍ତ ଅତ୍ୟାଚାରରୁ ସୁରକ୍ଷିତ ରଖନ୍ତୁ ଓ ସେମାନଙ୍କ ଉପରେ ଦୟାବତୀର୍ଣ୍ଣ କରନ୍ତୁ । **ଆମିନ୍ । (ଅଲ୍‌ଫଜଲ୍ ଇଣ୍ଟର୍‌ନ୍ୟାସ୍‌ନଲ୍, 11 ଅପ୍ରେଲ, 2025 ମସିହା, ପୃ-2-8)** ☆--☆--☆

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan